ରବିବାର
ସକାଳ
THE SAKALA
୧୪-୨୦ ଏପ୍ରିଲ୍
୨୦୨୪

# ସିନ୍ଧୁରା

- ସର୍ବବୃହତ୍ ଗଣତାନ୍ତ୍ରିକ ପ୍ରକ୍ରିୟାର ଭିତ୍ତିଭୂମି
- ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ମହାପର୍ବ
- ଭାରତ ବିଭାଜନର ଷଡ଼ଯନ୍ତ୍ର
- ୪୮୯ ଆସନ ପାଇଁ ମତଦାନ
- ସ୍ୱାଧୀନ ଭାରତର ପ୍ରଥମ ଭୋଟର୍
- ଇତିହାସ ପୃଷ୍ଠାରେ ବାଲାଟ୍ ପେପର ଓ ବକ୍ସ



## ସର୍ବବୃହତ୍ ଗଣତନ୍ତ୍ର

# ପ୍ରଥମ ମହାପର୍ବ



ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତାନ୍ତ୍ରିକ ପଦ୍ଧତିରେ ଦେଶର ସରକାର ନିର୍ବାଚିତ ହୋଇଥାନ୍ତି । ଭୋଟଦାନ ମାଧ୍ୟମରେ ନାଗରିକମାନେ ନିଜର ପ୍ରତିନିଧି ନିର୍ବାଚିତ କରାଇଥାନ୍ତି । ତେଣୁ ଦେଶର ପ୍ରତ୍ୟେକ ସାବାଳକଙ୍କୁ ଭୋଟଦାନ ଅଧିକାର ମିଳିଛି । ତେବେ ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନ ଥିଲା ଅତ୍ୟନ୍ତ ସ୍ମରଣୀୟ ଓ ରୋଚକ । ପ୍ରଥମ ସାଧାରଣ ନିର୍ବାଚନକୁ ନେଇ ନେତାଠାରୁ ଆରମ୍ଭ କରି ଭୋଟର୍, ସମସ୍ତଙ୍କ ଭିତରେ ଥିଲା ପ୍ରବଳ ଉତ୍ସାହ ଓ ଉତ୍ସୁକତା । କେମିତି ହେବ ଭୋଟଦାନ? କେମିତି ହେବ ନିର୍ବାଚନ ପରିଚାଳନା? କେଉଁ ଦଳ ଗଠନ କରିବ ସ୍ୱାଧୀନ ଭାରତର ପ୍ରଥମ ସରକାର?

ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନ ସମୟରେ ଦେଶର ଜନସଂଖ୍ୟା ଥିଲା ୩୬ କୋଟି । ସେଥିମଧ୍ୟରୁ ୧୭.୩୬ କୋଟି ମତଦାତା ମତଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ତେବେ ସେମାନଙ୍କ ମଧ୍ୟରୁ ୪୫.୭ ପ୍ରତିଶତ ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ । ୨୫ ଅକ୍ଟୋବର ୧୯୫୧ ରୁ ୨୧ ଫେବୃଆରୀ ୧୯୫୨ ମସିହା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ କଂଗ୍ରେସ ବହୁମତରେ ବିଜୟ ଲାଭ କରିଥିଲା । କଂଗ୍ରେସର ବିଜୟ ପରେ ପଣ୍ଡିତ ଜବାହର ଲାଲ ନେହରୁଙ୍କ ନେତୃତ୍ୱରେ ସ୍ୱାଧୀନ ଭାରତର ପ୍ରଥମ ସରକାର ଗଠନ ହେଲା । ତେବେ କେମିତି ଥିଲା ପୂରା ନିର୍ବାଚନ ପ୍ରକ୍ରିୟା? କିଏ ଥିଲେ ଦେଶର ପ୍ରଥମ ନିର୍ବାଚନ କମିଶନର? କେତୋଟି ରାଜନୈତିକ ଦଳ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ? କିଭଳି ଥିଲା ନିର୍ବାଚନ ପ୍ରଚାର ଶୈଳୀ? କେମିତି ଥିଲା ଦେଶର ତତ୍କାଳୀନ ରାଜନୈତିକ ସ୍ଥିତି? ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନର ରୋଚକପୂର୍ଣ୍ଣ ତଥ୍ୟକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ସର୍ବବୃହତ୍ ଗଣତନ୍ତ୍ର : ପ୍ରଥମ ମହାପର୍ବ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ ପୁରୁଣା ସମସ୍ୟାର ସମାଧାନ ହେବ । ସୋମ, ମଙ୍ଗଳବାରରେ ମହିଳାମାନେ ଆଦର ସମ୍ମାନ ପାଇବେ । ବୁଧ, ଗୁରୁବାରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରି ପାରିବେ । ଶୁକ୍ର, ଶନିବାରରେ ରାଜନେତାମାନେ ସଫଳତା ପାଇବେ ।

**ବୃଷ**
ରବିବାରରେ ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ସୋମ, ମଙ୍ଗଳବାରରେ ଅଳ୍ପ ପରିଶ୍ରମ କରି ଅଧିକ ଫଳ ପାଇବାର ଆଶା ରଖିବେ । ବୁଧ, ଗୁରୁବାରରେ ଅବିବାହିତମାନଙ୍କ ପାଇଁ ବିବାହ ପ୍ରସ୍ତାବ ସ୍ଥିରୀକୃତ ହେବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ ।

**ମିଥୁନ**
ରବିବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ସୋମ, ମଙ୍ଗଳବାରରେ ବେରୋଜଗାରୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ । ମହିଳାମାନେ ଆତ୍ମନିର୍ଭରଶୀଳ ହେବେ ।

**କର୍କଟ**
ରବିବାରରେ ପୈତୃକ ସଂପତ୍ତିକୁ ନେଇ ବିବାଦ ଦେଖାଦେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରର ସ୍ଥାନ ପରିବର୍ତ୍ତନର ଯୋଗ ଅଛି । ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଜ୍ଞାନକୌଶଳ ପ୍ରୟୋଗ କରିବେ । ଶୁକ୍ର, ଶନିବାରରେ ଉପରିସ୍ଥ କର୍ମଚାରୀଙ୍କ ସହିତ ବଚସା ହୋଇପାରେ ।

**ସିଂହ**
ରବିବାରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ । ସୋମ, ମଙ୍ଗଳବାରରେ ପାରିବାରିକ ଜୀବନ ସୁଖପ୍ରଦ ହେବ । ବୁଧ, ଗୁରୁବାରରେ ଆକସ୍ମିକ ଭାବରେ ବ୍ୟୟଭାର ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସାହିତ୍ୟ ଓ ପ୍ରଶାସନିକ ସ୍ତରରେ ଉଚ୍ଚସମ୍ମାନ ପାଇପାରନ୍ତି ।

**କନ୍ୟା**
ରବିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ସୋମ, ମଙ୍ଗଳବାରରେ ଅକସ୍ମାତ୍ ଦୂରଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ ।

**ତୁଳା**
ରବିବାରରେ ପାରିବାରିକ ଓ ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । ସୋମ ମଙ୍ଗଳବାରରେ କାର୍ଯ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଶୁକ୍ର, ଶନିବାରରେ ପାରିବାରିକ ସୁଖଶାନ୍ତି ନଷ୍ଟ ହୋଇପାରେ ।

**ବିଛା**
ରବିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ସୋମ, ମଙ୍ଗଳବାରରେ ନୂଆ କାମ କରି ଉତ୍ସାହିତ ରହିବେ । ବୁଧ, ଗୁରୁବାରରେ ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ପାରିବାରିକ ନିବିଡ଼ତା ମଧ୍ୟ ବୃଦ୍ଧି ପାଇବ । ମହିଳାମାନେ ସ୍ୱାଧୀନମନା ହେବେ ।

**ଧନୁ**
ରବିବାରରେ ଜମିଜମା ମାମଲାକୁ ନେଇ ଶତ୍ରୁ ଉପୁଜିବେ । ସୋମ,ମଙ୍ଗଳବାରରେ ମାନସିକ ଅବସାଦର ଶିକାର ହୋଇପାରନ୍ତି । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଶୁକ୍ର, ଶନିବାରରେ ସରକାରୀ ସହାୟତା ପାଇ ଦୀର୍ଘଦିନ ଧରି ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ ।

**ମକର**
ରବିବାରରେ ବିଳାସବ୍ୟସନରେ ସମୟ କାଟିବେ । ସୋମ, ମଙ୍ଗଳବାରରେ ବ୍ୟବସାୟରେ ମଧ୍ୟମ ଧରଣର ଲାଭ ପାଇବେ । ସ୍ୱାସ୍ଥ୍ୟ ଉତ୍ତମ ରହିବ । ବୁଧ, ଗୁରୁବାରରେ ଆର୍ଥିକ ଚିନ୍ତାକରି କଷ୍ଟ ପାଇପାରନ୍ତି । ବନ୍ଧୁ ସହଯୋଗ ମିଳିପାରେ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ ।

**କୁମ୍ଭ**
ରବିବାରରେ ପୁରୁଣା ସମସ୍ୟା ସମାଧାନ ହେବ । ସୋମ, ମଙ୍ଗଳବାରରେ ମହିଳାମାନେ ଆଦର ସମ୍ମାନ ପାଇବେ । ବୁଧ, ଗୁରୁବାରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରି ପାରିବେ । ଶୁକ୍ର, ଶନିବାରରେ ରାଜନେତାମାନେ ସଫଳତା ପାଇବେ ।

**ମୀନ**
ରବିବାରରେ ଆଶାଆକାଂକ୍ଷା ପୂରଣ ହେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଉପୁଜିପାରେ । ବୁଧ, ଗୁରୁବାରରେ ପରିବାରଜନଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାର ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ । ବ୍ୟବସାୟ ତଥା ପରିବହନରେ ଦୂରଯାତ୍ରା କରିପାରନ୍ତି ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ସର୍ବବୃହତ୍ ଗଣତାନ୍ତ୍ରିକ ପ୍ରକ୍ରିୟାର ଭିତ୍ତିଭୂମି





ଡଃ. ମାନସ ବେହେରା

ନିର୍ବାଚନ ଗଣତନ୍ତ୍ରର ଜୀବନରେଖା । ଏଥିପାଇଁ ଏହା ଅବାଧ ଓ ନିରପେକ୍ଷ ହେବା ସହ ସାଧାରଣ ଲୋକଙ୍କର ଅଂଶଗ୍ରହଣ ଜରୁରି । ଦୀର୍ଘଦିନର ସାମ୍ରାଜ୍ୟବାଦ ଓ ଉପନିବେଶବାଦ ବିରୋଧୀ ସଂଗ୍ରାମରୁ ସ୍ୱାଧୀନତା ପାଇବା ପରେ ଏକ ନିର୍ବାଚିତ ସରକାର ଗଠନ କରିବା ସ୍ୱାଧୀନ ଭାରତ ଆଗରେ ସବୁଠୁ ବଡ଼ ଆହ୍ୱାନ ଥିଲା । ପୁଣି ଭାରତର ସାମ୍ପ୍ରଦାୟିକ ବିଭାଜନ ହୋଇ ସାରିଛି ଓ ଉଭୟ ପକ୍ଷର ପ୍ରାୟ ୧୨ ନିୟୁତ ଜନଗଣ ବିସ୍ଥାପିତ ହେବା ସହ ଅନେକ ଦଙ୍ଗାରେ ପ୍ରାଣ ହରାଇଛନ୍ତି । ଏପରି ପୃଷ୍ଠଭୂମିରେ ଭାରତର ଗଣତନ୍ତ୍ରର ସଫଳତା, କାର୍ଯ୍ୟକାରିତା ଓ ସ୍ଥାୟିତ୍ୱ ପ୍ରତି ଅନେକ ପାଶ୍ଚାତ୍ୟ ପଣ୍ଡିତମାନେ ପ୍ରଶ୍ନବାଚୀ ଉପସ୍ଥାପିତ କରିଥିଲେ । ଏସବୁକୁ ଭୁଲ ପ୍ରମାଣିତ କରି ଭାରତୀୟ ଗଣତନ୍ତ୍ରର ଜୟଯାତ୍ରା ପ୍ରଥମ ନିର୍ବାଚନରୁ ଆରମ୍ଭ ହୋଇଥିଲା । ଏହାର ଅନେକ ତଥ୍ୟ ଆଜିର ପିଢ଼ିକୁ ଆଶ୍ଚର୍ଯ୍ୟ କଲାଭଳି ଅଟେ । ଏହି ନିର୍ବାଚନ କେବଳ ଗଣତନ୍ତ୍ରର ଶକ୍ତିଶାଳୀ ମୂଳଦୁଆ ପକାଇନଥିଲା, ବରଂ ଏକ ସମୃଦ୍ଧ ଗଣତାନ୍ତ୍ରିକ ଐତିହ୍ୟ ଓ ପରମ୍ପରା ଛାଡ଼ି ଯାଇଛି । ଯାହାକୁ ଭିତ୍ତିକରି ଭାରତୀୟ ଗଣତନ୍ତ୍ରର ଯାତ୍ରା ଅବ୍ୟାହତ ରହିଛି । ଅନେକ ଉପନିବେଶ ପରବର୍ତ୍ତୀ ରାଷ୍ଟ୍ର ଓ ସମାଜରେ ଗଣତନ୍ତ୍ର ମାଟି କାମୁଡ଼ିଛି ଓ ଏକଛତ୍ରବାଦକୁ ଜନ୍ମ ଦେଇଛି । କିନ୍ତୁ ଭାରତ ଗଣତନ୍ତ୍ରର ଚେର ଏତେ ଗଭୀର ଯେ ଏହାକୁ ମୂଳୋତ୍ପାଟନ କରିବା କଷ୍ଟସାଧ୍ୟ । ସମଗ୍ର ତୃତୀୟ ବିଶ୍ୱରେ ଗଣତନ୍ତ୍ରର ମୂଳଦୁଆ ପ୍ରଥମ ନିର୍ବାଚନରେ ହିଁ ପଡ଼ିଥିଲା । ପାଶ୍ଚାତ୍ୟ ରାଷ୍ଟ୍ରମାନେ ଏକାଥରକେ ସମସ୍ତଙ୍କୁ ଭୋଟ୍ ଦେବାର ଅଧିକାର ପ୍ରଦାନ କରିପାରି ନ ଥିଲେ । ପ୍ରଥମେ ଧନିକ ଶ୍ରେଣୀ, ପରେ ଶ୍ରମିକ ଓ ସବା ଶେଷରେ ମହିଳାମାନଙ୍କୁ ଅଧିକାର ପ୍ରଦାନ କରାଯାଇଥିଲା । କିନ୍ତୁ ଭାରତୀୟ ସମ୍ବିଧାନରେ ସାର୍ବଜନୀନ ସାବାଳକ ଭୋଟ୍ ବ୍ୟବସ୍ଥା କରାଯାଇଥିଲା । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଅଞ୍ଚଳ, ଭାଷା ଓ ସମ୍ପତ୍ତି ନିର୍ବିଶେଷରେ ସମସ୍ତ ୨୧ ବର୍ଷ ପ୍ରାପ୍ତ ନାଗରିକଙ୍କୁ ପ୍ରଥମ ନିର୍ବାଚନରେ ହିଁ ଭୋଟ ଦେବାର ଅଧିକାର ପ୍ରଦାନ କରାଯାଇଥିଲା । ଏହା ସମଗ୍ର ବିଶ୍ୱରେ ଗଣତନ୍ତ୍ର ଇତିହାସରେ ଏକ ବଡ଼ ସାଫଲ୍ୟ ।

## ନିର୍ବାଚନୀ ପ୍ରସ୍ତୁତି

ଭାରତରେ ପ୍ରଥମ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଏକ ସହଜସାଧ୍ୟ ବ୍ୟାପାର ନଥିଲା । ସେତେବେଳେ ଆଜିକାଲି ପରି ଗାଡ଼ି, ମଟର, କଂକ୍ରିଟ୍ ଘରର ବିଦ୍ୟାଳୟ ଆଦି ନଥିଲା । ପୁଣି ସମ୍ବିଧାନ କାର୍ଯ୍ୟକାରୀ ହେବା ପୂର୍ବରୁ ନିର୍ବାଚନ ପରିଚାଳନା ପାଇଁ ଓ ଯେପରିକି ନିର୍ବାଚନ ଆୟୋଗର ଆଇନଗତ ବ୍ୟବସ୍ଥା ନଥିଲା । ନେହରୁଙ୍କ ନେତୃତ୍ୱାଧୀନ ସମ୍ବିଧାନ ପ୍ରଣୟନ ସଭା କାମଚଳା ସଂସଦ ଭାବେ କାର୍ଯ୍ୟ କରୁଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସମ୍ବିଧାନ କାର୍ଯ୍ୟକାରୀ ହେଲା । ଜାନୁଆରୀ ୧୯୫୦ ରେ ନିର୍ବାଚନ ଆୟୋଗ ସୃଷ୍ଟି କରାଗଲା । ମାର୍ଚ୍ଚ ମାସରେ ଜଣେ ଦକ୍ଷ ପ୍ରଶାସକ ସୁକୁମାର ସେନ୍‌ଙ୍କୁ



ସ୍ୱାଧୀନ ଭାରତର ପ୍ରଥମ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଗଲା । ଅନେକ ଆହ୍ୱାନ ସତ୍ତ୍ୱେ ପ୍ରଥମ ନିର୍ବାଚନର ସୁପରିଚାଳନା ପାଇଁ ଇତିହାସ ତାଙ୍କୁ ମନେ ରଖିଛି । ଦେଶର ପ୍ରଥମ ଭୋଟର ତାଲିକା ସେହିବର୍ଷ ନଭେମ୍ବର ମାସରେ ପ୍ରସ୍ତୁତ କରାଗଲା । ଯଦିଓ ଏହାର ପ୍ରସ୍ତୁତି ପାଇଁ ୧୯୪୭-୪୮ ମସିହାରୁ ରାଜ୍ୟଗୁଡ଼ିକୁ କୁହାଯାଉଥିଲା । କିନ୍ତୁ ବିହାର, ଓଡ଼ିଶା ଓ ପଞ୍ଜାବ ଏହି ଚିଠା ପ୍ରସ୍ତୁତିରେ ପଛରେ ଥିଲେ । ସେମାନେ ମାର୍ଚ୍ଚ ୧୯୫୧ରେ ପ୍ରଦାନ କରିଥିଲେ । ଶେଷରେ ଚୂଡାନ୍ତ ଭୋଟର ତାଲିକା ୧୯୫୧ ନଭେମ୍ବରରେ ପ୍ରସ୍ତୁତ କରାଗଲା । କିନ୍ତୁ ଶରଣାର୍ଥୀମାନଙ୍କ ନାମ ଭୋଟର ତାଲିକାରେ ରହିବା ନେଇ ସମସ୍ୟା ଉପୁଜିଥିଲା । ଜଣେ ଭୋଟର ହେବାପାଇଁ ଭାରତରେ ସର୍ବନିମ୍ନ ୬ ମାସ ରହିଥିବା ଆବଶ୍ୟକ । କିନ୍ତୁ ସେତେବେଳେ ଅନେକ ଶରଣାର୍ଥୀ ଆସୁଥାନ୍ତି । ଏଣୁ ସମ୍ବିଧାନ ପ୍ରଣୟନ ସଭାର ସଚିବ ମଣ୍ଡଳୀ ସ୍ଥିର କଲେ ଯେ ଜଣେ ଯଦି ଏକ ଘୋଷଣାପତ୍ର ପ୍ରଦାନ କରିବେ ଯେ, ସେ ଭାରତର ଗାଁ ବା ସହରରେ ସ୍ଥାୟୀ ଭାବରେ ବସବାସ କରିବାକୁ ଚାହୁଁଛନ୍ତି, ସେ ଭୋଟର ହୋଇପାରିବେ । ଭୋଟର ତାଲିକା ପ୍ରସ୍ତୁତିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ମହିଳାଙ୍କ ନାମ । ମୁଖ୍ୟ

ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଲେ ଯେ ମହିଳାଙ୍କ ନାମ କାହାର ସ୍ତ୍ରୀ, ଝିଅ ବା ମା' ଭାବରେ ତାଲିକାରେ ରହିପାରିବ ନାହିଁ। କେବଳ ତାଙ୍କ ନାମରେ ରହିବ। ଏହା ମହିଳାଙ୍କ ରାଜନୈତିକ ସଶକ୍ତିକରଣ ଦିଗରେ ଏକ ବୃହତ୍ ପଦକ୍ଷେପ ଥିଲା। ଏଥିଯୋଗୁଁ ୨. ୮ ନିୟୁତ ମହିଳାଙ୍କ ନାମ ଭୋଟର୍ ତାଲିକାରୁ ବାଦ୍ ପଡ଼ିଥିଲା। କିନ୍ତୁ ମୁଖ୍ୟ ନିର୍ବାଚନ ଅଧିକାରୀ ଏହା ଏକ ଭଲ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। କାରଣ ଭବିଷ୍ୟତରେ ମହିଳାଙ୍କ ପରିଚୟ ସେମାନଙ୍କ ପିତା ବା ସ୍ୱାମୀଙ୍କୁ ନେଇ ରହିବନି। ନିଜସ୍ୱ ପରିଚୟ ରହିବ। ଏହା ଏକ ବୃହତ୍ ରାଜନୈତିକ ଉତ୍ତରଣ ଥିଲା, ଯାହା ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଗଣତାନ୍ତ୍ରିକ ଇତିହାସଠାରୁ ଅଧିକ ବଳଶାଳୀ।

ପ୍ରଥମ ନିର୍ବାଚନ ଦୀର୍ଘ ଥିଲା। କାରଣ ଜଳବାୟୁ, ପ୍ରସ୍ତୁତି, ମାନବସମ୍ବଳ ଆଦି ଏହି ପ୍ରକ୍ରିୟାକୁ ସୁଦୀର୍ଘ କରାଇଥିଲା। ୨୫ ଅକ୍ଟୋବର ୧୯୫୧ରୁ ୨୧ ଫେବୃଆରୀ ୧୯୫୨ ପର୍ଯ୍ୟନ୍ତ ଏହା ଚାଲିଥିଲା। ସମୁଦାୟ ୬୮ଟି ପର୍ଯ୍ୟାୟରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୮୭୪ ପ୍ରାର୍ଥୀ ଓ ୫୩ଟି ରାଜନୈତିକ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ୧୪ଟି ଜାତୀୟ ରାଜନୈତିକ ଦଳ ଥିଲେ। ଲୋକସଭା ପାଇଁ ୪୮୯ ଟି ସିଟ୍ ସ୍ଥିର ହୋଇଥିଲା। ୪୦୧ ଟି ନିର୍ବାଚନ ମଣ୍ଡଳୀ ଲୋକସଭା ପାଇଁ ଉଦ୍ଦିଷ୍ଟ ଥିଲା। ୩୧୪ ଟି ଏକକ ପ୍ରତିନିଧି ନିର୍ବାଚିତ କରିଥିବାବେଳେ ୮୬ଟି ନିର୍ବାଚନ ମଣ୍ଡଳୀ ରୁ ୨ଜଣ ପ୍ରତିନିଧି ବାଛିବାର ବ୍ୟବସ୍ଥା ଥିଲା। କାରଣ ଏଗୁଡ଼ିକ ଜଣେ ସାଧାରଣ ବର୍ଗ ଓ ଅନ୍ୟଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବାଛିଥିଲେ। ଏହି ବ୍ୟବସ୍ଥା ୬୦ ଦଶକରେ ଉଚ୍ଛେଦ କରାଯାଇଥିଲା। ଭୋଟର ତାଲିକା ପ୍ରସ୍ତୁତି ପାଇଁ ୧୬, ୫୦୦ କିରାଣିଙ୍କୁ ୬ ମାସ ପାଇଁ ନିଯୋଜିତ କରାଯାଇଥିଲା। ଏଥିରେ ୩, ୮୦, ୦୦୦ ରିମ୍ କାଗଜ ବ୍ୟବହୃତ ହୋଇଥିଲା। ପ୍ରଥମ ନିର୍ବାଚନରେ ଜାମ୍ମୁ ଓ କାଶ୍ମୀରକୁ ବାଦ ଦେଲେ ସମୁଦାୟ ୧, ୭୩, ୨୧୨, ୩୪୩ ଭୋଟର ଥିଲେ। ସେତେବେଳେ ଦେଶର ଜନସଂଖ୍ୟା ୩,୬୧,୦୮୮,୦୯ ଥିଲା (୧୯୫୧ ଜନଗଣନା)। ସମୁଦାୟ ୧୯୬୦୮୪ଟି ବୁଥ୍ ସ୍ଥାପନା କରାଯାଇଥିଲା। ଏହା ମଧ୍ୟରୁ ୨୭,୫୨୭ଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ୧୯୫୨ର ପ୍ରଥମ ଭୋଟ ହିମାଚଳ ପ୍ରଦେଶରେ ଚିନି ତହସିଲ ଅନ୍ତର୍ଗତ ବୁଥ୍‌ରେ କିଛି ବୌଦ୍ଧ ଧର୍ମାବଲମ୍ବୀ ଭୋଟର୍ ଭୋଟ୍ ପ୍ରଦାନ କରିଥିଲେ। ଏଇଠି ଆରମ୍ଭ ହୋଇଥିଲା ସ୍ୱାଧୀନ ଭାରତର ସ୍ୱାଧୀନ ନାଗରିକଙ୍କ ପ୍ରଥମ ଭୋଟଦାନ ଓ ଭାରତର ଗଣତନ୍ତ୍ରର ଦୀର୍ଘ ଯାତ୍ରାରେ ଅୟଆରମ୍ଭ। ୨ ନିୟୁତ ଲୌହ ଭୋଟ୍ ବାକ୍ସ ନିର୍ମାଣ କରାଯାଇଥିଲା। ଏଥିପାଇଁ ୮୨୦୦ ଟନ୍ ଲୁହା ବ୍ୟବହୃତ ହୋଇଥିଲା। ଏହା କେବଳ ଲୁହା ବାକ୍ସ ନଥିଲା। ଏହା ଥିଲା ଲୌହରୂପୀ ଶକ୍ତିଶାଳୀ ଭାରତୀୟ ଗଣତନ୍ତ୍ରର ପ୍ରତୀକ। ଆଙ୍ଗୁଠିରେ କାଳି ମାରିବା ବ୍ୟବସ୍ଥା ଯାହା ଆଜି ବି ଭାରତୀୟ ଗଣତନ୍ତ୍ରର ପ୍ରତୀକ ସେଇଠୁ ଆରମ୍ଭ ହୋଇଥିଲା। ପ୍ରଥମ ଥରଠାରୁ ଜଣାପଡ଼ିଥିଲା ଯେ ଏହି କାଳି ଶୀଘ୍ର ଲିଭି ଯାଉ ନାହିଁ। ଆଜି ଏହି କାଳି ଭାରତ ଅନ୍ୟଦେଶର ନିର୍ବାଚନରେ ବ୍ୟବହାର ପାଇଁ ରପ୍ତାନୀ କରୁଛି।



## ନିର୍ବାଚନର ରଙ୍ଗ

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପ୍ରଥମ ନିର୍ବାଚନ ବେଳେ ଭାରତରେ ନିରକ୍ଷରଙ୍କ ସଂଖ୍ୟା ଶତକଡ଼ା ୮୫ ଭାଗ ଥିଲାବେଳେ ଶତକଡ଼ା ୬୦ ଭାଗ ଭୋଟର୍ ଭୋଟ୍ ପ୍ରଦାନ କରିଥିଲେ। କେବଳ ଶିକ୍ଷିତ ହେଲେ ଗଣତନ୍ତ୍ରରେ ଅଂଶ ଗ୍ରହଣ କରିପାରିବେ ଏପରି ପାଶ୍ଚାତ୍ୟ ତର୍କକୁ ନିରକ୍ଷର ଭାରତୀୟମାନେ ପ୍ରତ୍ୟାଖ୍ୟାନ କରିଥିଲେ। କାରଣ ସେମାନେ ଗଣତନ୍ତ୍ରରେ ଭାଗୀଦାରୀ (Stakeholders ) ଭୂମିକା ନିର୍ବାହ କରିଥିଲେ। ଗଣତନ୍ତ୍ର ସେମାନଙ୍କର ଓ ସେମାନଙ୍କ ପାଇଁ ତଥା ସେମାନଙ୍କ ଦ୍ୱାରା ଥିଲା। ବମ୍ବେରେ ଶ୍ରମିକମାନେ ଶତକଡ଼ା ୭୦ ଭାଗ ଭୋଟ ଦେବାକୁ ଆସିଥିଲେ। ଓଡ଼ିଶାର ଆଦିବାସୀ ଜିଲ୍ଲାରେ ଅନେକ ଆଦିବାସୀ ଧନୁତୀର ଧରି ପାରମ୍ପରିକ ରୂପରେ ବୁଥ୍‌କୁ ଆସିଥିଲେ ଓ ଶତକଡ଼ା ୭୦ ଭାଗ ଭୋଟଦାନର ହାର ଥିଲା। ଗୋଟିଏ ବୁଥ୍‌ରେ ହାତୀ ଓ କଲରାପତରିଆ ବାଘ (୨ଟି) ଆସିଥିଲେ ଓ ସେଠାରେ ଗୋଟିଏ ବି ଭୋଟ୍ ପଡ଼ିନଥିଲା। ଓଡ଼ିଶାର ଭୋଟ୍ ୧୯୫୧ ଡିସେମ୍ବରରେ ହୋଇଥିଲା। କେରଳର କୋଟାୟମରେ ଭୋଟ୍ ହାର ସର୍ବାଧିକ ୮୦.୫ ପ୍ରତିଶତ ଥିବାବେଳେ ମଧ୍ୟପ୍ରଦେଶର ସାହଦଲ୍‌ରେ ସର୍ବନିମ୍ନ ଶତକଡ଼ା ୧୮ ଭାଗଥିଲା। ମିଜୋରାମର ଆଦିବାସୀମାନେ ଦିନଦିନ ଧରି ଜଙ୍ଗଲରେ ଚାଲିଚାଲି ଭୋଟଦେବାକୁ ବୁଥ୍‌ରେ ପହଞ୍ଚିଥିଲେ। ରାଜସ୍ଥାନରେ ଓଟର ବ୍ୟବହାର ସହ ସାମରିକ ଗାଡ଼ି ମଧ୍ୟ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ନେବାରେ ବ୍ୟବସ୍ଥା ହୋଇଥିଲା। କର୍ମଚାରୀମାନେ ବୁଥ୍‌ରେ ପହଞ୍ଚିବାକୁ ଏକାଧିକ ଦିନ ଅଗମ୍ୟ ଅଞ୍ଚଳରେ ପାଦରେ ଚାଲି ଚାଲି ଯାଇଥିଲେ। ବୁଥ୍‌ରେ ଭିନ୍ନ ଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ଭୋଟ ବାକ୍ସ ଥିଲା। ଏଥିରେ ଦଳ ଓ ପ୍ରାର୍ଥୀଙ୍କ ଚିହ୍ନ ଲେଖା ଯାଇଥିଲା। ଭୋଟରମାନେ ବାଲାଟ୍ କାଗଜ ସେ ହି ବାକ୍ସରେ ପକାଇଥିଲେ। ଉଭୟ ସରକାରୀ ଓ ଘରୋଇ କୋଠାରେ ବୁଥ୍ କରାଯାଇଥିଲା। ସବୁଆଡ଼େ କୋଠା ନଥିବାରୁ ଛପରଘର, ତାଳ ବରଡ଼ାରେ ଅସ୍ଥାୟୀ ଘରରେ ବୁଥ୍‌ନିର୍ମାଣ କରାଯାଇଥିଲା। ସାମଗ୍ରିକ



ଭାବେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମାପନ ହୋଇଥିଲା। ଏହା ଥିଲା ଭାରତୀୟ ଗଣତନ୍ତ୍ରର ପ୍ରଥମ ମହୋତ୍ସବର ରଙ୍ଗିନ ଚିତ୍ର। ଗଣତନ୍ତ୍ରର ଉତ୍ତାଳ ତରଙ୍ଗ ତରଙ୍ଗାୟିତ ହୋଇଥିଲା ନେତାମାନଙ୍କ ମୂଲ୍ୟବୋଧ, କର୍ମଚାରୀଙ୍କ ଅଙ୍ଗୀକାର ଓ ସାଧାରଣ ମଣିଷର ଗଣତନ୍ତ୍ର ପ୍ରେମରେ।









## ରାଜନୈତିକ ଦିଗ

ପ୍ରଥମ ନିର୍ବାଚନରେ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ଅଖଣ୍ଡ .ପ୍ରଭାବ ଦ୍ୱାରା କଂଗ୍ରେସରେ ନେହରୁ ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମୃତ୍ୟୁ ପରେ ସେ କଂଗ୍ରେସ ପ୍ରଚାରର ମଙ୍ଗ ଧରିଥିଲେ । ପ୍ରଚାରରେ ସେ ୨୫,୦୦୦ ମାଇଲ୍ ଯାତ୍ରା କରିଥିଲେ । (ଉଡ଼ାଜାହାଜରେ ୧୮,୦୦୦ ମାଇଲ, ୫୨୦୦ ମାଇଲ କାରରେ, ୧୬୦୦ ମାଇଲ ରେଳରେ ଓ ୯୦ ମାଇଲ ଦେଶୀ ଡଙ୍ଗାରେ) । ଆମ୍ବେଦକର ଓ ଶ୍ୟାମ ପ୍ରସାଦ ମୁଖାର୍ଜୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ ନିଜର ଦଳ ଗଠନ କରି ନିର୍ବାଚନ ଲଢ଼ିଥିଲେ । ଆମ୍ବେଦଙ୍କର Schedule caste Federation of India ଓ ମୁଖାର୍ଜୀ ୧୯୫୧ ରେ ଭାରତୀୟ ଜନସଂଘ ଗଠନ କରିଥିଲେ । ନେହେରୁ ତାଙ୍କ ନିର୍ବାଚନୀ ଭାଷଣରେ ଖାଦ୍ୟ, ନିରାପତ୍ତା, ବେକାରି, ଶିଳ୍ପାୟନ, ଧର୍ମନିରପେକ୍ଷତା, ନିରପେକ୍ଷ, ବୈଦେଶିକ ନୀତି, ଜାତିବାଦ ଆଦି ପ୍ରସଙ୍ଗ ଉଠେଇଥିବାବେଳେ ଆମ୍ବେଦକରଙ୍କର ଦଳିତ ନ୍ୟାୟ, ମୁଖାର୍ଜୀ ମହାଭାରତ ଯୁଦ୍ଧର ଉଦାହରଣ ଦେଇ କୌରବ ଓ ପାଣ୍ଡବଙ୍କ ଉପାଖ୍ୟାନ ଉପସ୍ଥିତ କରିଥିଲେ । ସି.ପି.ଆଇ ଶ୍ରମିକ ଶ୍ରେଣୀ ଓ ସମାଜବାଦୀ ବିକଳ୍ପ କଥା ପ୍ରଚାର କରିଥିଲା ଓ ସମାଜବାଦୀ ଦଳ କୃଷକ ଓ ଶ୍ରମିକ ସ୍ୱାର୍ଥ ଉଠାଇଥିଲେ । ନେହରୁ ପ୍ରଚାରବେଳେ କହିଥିଲେ ଯେ, ଏହା ଅ ତ ୟନ୍ତ ଖୁସି ଯେ ଆମ୍ବେଦକର ଓ ମୁଖାର୍ଜୀଙ୍କ ପରି ବ୍ୟକ୍ତିତ୍ୱ ତାଙ୍କ ଦଳ ବିରୋଧରେ ନିର୍ବାଚନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହା ଭାରତୀୟ ଗଣତନ୍ତ୍ରର ଉଚ୍ଚମାନର ମୂଲ୍ୟବୋଧ ଓ ନୈତିକତାର ପରିଚୟ ଯାହା ଆଜିର ପିଢ଼ି ଶିକ୍ଷାଲାଭ କରିବା ଉଚିତ ।

ଶତକଡ଼ା ୪୫ ଭାଗ ଭୋଟ ପାଇ କଂଗ୍ରେସ ୩୬୪ ସିଟ୍‌ରେ ବିଜୟ ଲାଭ କରି ସର୍ବବୃହତ୍ ଦଳ ରୂପେ ଉଭା ହୋଇଥିଲା । ସୋସିଆଲିଷ୍ଟ ପାର୍ଟି ୧୨, କିଷାନ୍ ମଜଦୁର ଦଳ-୯, ଭରତୀୟ କମ୍ୟୁନିଷ୍ଟ ପାର୍ଟି-୧୬,ଜନସଂଘ-୩, ଆମ୍ବେଦକରଙ୍କ ଫେଡେରେସନ୍-୨, ରାମରାଜ୍ୟ ପରିଷଦ -୩, କୃଷକ ଲୋକର ପାର୍ଟି -୧, ଜନ ଗଣତନ୍ତ୍ରିକ ସାମ୍ମୁଖ୍ୟ (PDF) – ୭, ଅକାଳୀ ଦଳ – ୪ , ହିନ୍ଦୁ ମହାସଭା -୪, କୃଷକ ଓ ଶ୍ରମିକ ଦଳ – ୨, ଗଣତାନ୍ତ୍ରିକ ପରିଷଦ – ୬, ଆର୍.ଏସ୍.ପି – ୩, ତାମିଲନାଡୁ ଟଏଲର୍ ପାର୍ଟି-୪ ଟି ଆସନରେ ବିଜୟ ଲାଭ କରିଥିଲେ । କଂଗ୍ରେସ ପରେ ଦ୍ୱିତୀୟ ବୃହତ୍ ଦଳ ଭାବେ ସି.ପି.ଆଇର ଅଭ୍ୟୁଦୟ ହୋଇଥିଲା । ଏହାର ପ୍ରାର୍ଥୀ ରବି ନାରାୟଣ ରେଡ୍ଡୀ ସର୍ବାଧିକ ଭୋଟ୍ ପାଇ ନେହରୁଙ୍କ ଆଗରେ ଥିଲେ । ୩୨ ସ୍ୱାଧୀନ ପ୍ରାର୍ଥୀ ବିଜୟ ହୋଇଥିବାବେଳେ ଅନେକ କ୍ଷୁଦ୍ରଦଳ ଗୋଟିଏ ଦୁଇଟି ସିଟ୍‌ରେ ସୀମିତ ଥିଲେ । ଆମ୍ବେଦକର ତାଙ୍କର ଘନିଷ୍ଠ ସହଯୋଗୀଙ୍କଠାରୁ ହାରିଯାଇଥିଲେ ଓ ଆଚାର୍ଯ୍ୟ କୃପାଳିନୀ ମଧ୍ୟ ପରାଜୟ ବରଣ କରିଥିଲେ । ପ୍ରଥମ ଲୋକସଭା ଏପ୍ରିଲ୍ ୧୭ ତାରିଖ ୧୯୫୨ ମସିହାରେ ଗଠନ ହେଲା ଓ ଏହାର ପୁଣି ପରବର୍ଷ ୧୯୫୩ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିଲା । ଏହାର ୬୭୭ ଟି ଅଧିବେଶନ ବସିଥିଲା ଓ ୩୭୮୪ ସଭା । ଏହା କାର୍ଯ୍ୟ କରିଥିଲା । ଯାହା ସ୍ୱାଧୀନ ଭାରତବର୍ଷର ଏ ପର୍ଯ୍ୟନ୍ତ ସର୍ବାଧିକ । ପ୍ରଥମ ଲୋକସଭାର ପ୍ରଥମ ବାଚସ୍ପତି ଭାବେ ଗଣେଶ ବାସୁଦେବ ମାବଲକର ନିର୍ବାଚିତ ହୋଇଥିଲେ । ଭାରତର ବିବିଧତା ପ୍ରଥମ ଲୋକସଭାରେ ପ୍ରତିଫଳିତ ହୋଇଥିଲା ।




## ଓଡ଼ିଶାର ପ୍ରଥମ ନିର୍ବାଚନ



ସ୍ୱାଧୀନତା ପରେ ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହା ୩୬ ଦିନ ( ୧୦-୧୨-୧୯୫୧ରୁ ୨୪-୦୧-୫୨ ପର୍ଯ୍ୟନ୍ତ) ଧରି ଚାଲିଥିଲା । ଏହି ନିର୍ବାଚନରେ ଓଡ଼ିଶାର ଭୋଟର୍ଙ୍କ ସଂଖ୍ୟା ଥିଲା ୭୭,୦୮,୧୬୧ ଓ ୩୬,୫୯,୪୯୩ ଜଣ ଭୋଟ୍ ଦେଇ ଥିଲେ । ଅର୍ଥାତ୍ ଭୋଟ୍ ଦାନର ହାର ଶତକଡ଼ା ୪୭.୫ ଭାଗ । ଓଡ଼ିଶା ଏକ ପଛୁଆ ରାଜ୍ୟ ହୋଇ ମଧ୍ୟ ଗଣତନ୍ତ୍ରର ପ୍ରଥମ ପର୍ବରେ ଅନ୍ୟଠାରୁ ପଛରେ ନ ଥିଲା । ଦଳିତ, ଆଦିବାସୀ, ଗ୍ରାମାଞ୍ଚଳ ଲୋକେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ । ୬ଟି ଜାତୀୟ ରାଜନୈତିକ ଦଳ ଓ ୩ଟି ଆଞ୍ଚଳିକ ଦଳ ଏଥିରେ ପ୍ରତିନିଧିତ୍ୱ କରୁଥିଲେ । ୨୦ଟି ଲୋକସଭା ସିଟ୍ ଓ ୧୪୦ଟି ବିଧାନସଭା ସିଟ୍ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଲୋକସଭା ନିର୍ବାଚନରେ କଂଗ୍ରେସ ୧୧, ଗଣତନ୍ତ୍ର ପରିଷଦ-୬, ସପିଆଇ-୧, ସୋସିଆଲିଷ୍ଟ ଦଳ -୧, ସ୍ୱାଧୀନ -୧ ବିଜୟ ଲାଭ କରିଥିଲେ । ହରେକୃଷ୍ଣ ମହତାବ କଟକ ଆସନରୁ ବିଜୟୀ ହୋଇଥିଲେ ।

ବିଧାନସଭା ନିର୍ବାଚନରେ କଂଗ୍ରେସ- ୬୭, ଗଣତନ୍ତ୍ର ପରିଷଦ- ୩୧, ସୋସିଆଲିଷ୍ଟ ଦଳ -୧, ସ୍ୱାଧୀନ -୧ , କମ୍ୟୁନିଷ୍ଟ ପାର୍ଟି-୭, ଫରୱାର୍ଡ ବ୍ଲକ୍ (ଏମ୍) ୧ ଓ ସ୍ୱାଧୀନ ୨୪ଟି ସିଟ୍ରେ ବିଜୟୀ ହୋଇଥିଲେ । ନବକୃଷ୍ଣ ଚୌଧୁରୀ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବାବେଳେ ଶ୍ରଦ୍ଧାକର ସୂପକାର ସମ୍ବଲପୁରର ରେଢ଼ାଖୋଲ ନିର୍ବାଚନୀ ମଣ୍ଡଳୀରୁ ବିଜୟ ଲାଭ କରିଥିଲେ । କଂଗ୍ରେସ ଶତକଡ଼ା ୩୭ ଭାଗ ଭୋଟ୍ ପାଇ ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ସରକାର ଗଢ଼ିଥିଲା ଓ ନବକୃଷ୍ଣ ଚୌଧୁରୀ ଫେବୃଆରୀ ୨୦, ୧୯୫୨ର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଶ୍ରଦ୍ଧାକର ସୂପକାର ବିରୋଧୀ ଦଳ ନେତା ପଦ ଅଳଙ୍କୃତ କରିଥିଲେ । ୧୯୫୨ ମାର୍ଚ୍ଚ ୬ ତାରିଖରେ ନନ୍ଦ କିଶୋର ଦାସ ଓଡ଼ିଶା ବିଧାସଭାର ବାଚସ୍ପତି ରୂପେ ଦାୟିତ୍ୱ ବହନ କରିଥିବା ବେଳେ ୮ ତାରିଖରେ ମୌଲାନା ମାହାନି ହନିଫ୍ ଉପ-ବାଚସ୍ପତି ପଦ ଗ୍ରହଣ କରିଥିଲେ । ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ବିଧାନସଭାର ୯ଟି ଅଧିବେଶନ ବସିଥିଲା ଓ ୩୫୬ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହାର କାର୍ଯ୍ୟକାଳ ୧୯୫୭ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।



ଉଭୟ ଦେଶ ଓ ଓଡ଼ିଶାରେ ପ୍ରଥମ ନିର୍ବାଚନରେ ଦେଶର ବିକାଶ, ଖାଦ୍ୟ ନିରାପତ୍ତା, ଶିଳ୍ପ, ଶିକ୍ଷା, ବ୍ୟକ୍ତିତ୍ୱ, ଗାନ୍ଧୀ ପ୍ରସଙ୍ଗ, ଧର୍ମ ନିରପେକ୍ଷତା ଆଦି ପ୍ରମୁଖ ବିଷୟ ଥିଲା । ରାଜନୈତିକ ନୈତିକତା ଉଚ୍ଚକୋଟୀର ଥିଲା । ପ୍ରଚାରରେ ବ୍ୟକ୍ତିଗତ ଆକ୍ଷେପ ଓ ହିଂସା ପ୍ରାୟ ନ ଥିଲା । ଆଜି ଯୋଗାଯୋଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦେଶ ତଥା ରାଜ୍ୟ ଅନେକ ଆଗକୁ ଯାଇଛି । କିନ୍ତୁ ଆମ ଗଣତନ୍ତ୍ର ଅନେକ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଛି । ସାମାଜିକ ଗଣମାଧ୍ୟମର ଭୂମିକା ଓ ଡିଜିଟାଲ୍ ଗଣତନ୍ତ୍ର ଅନ୍ୟତମ । ଗଣତନ୍ତ୍ରକୁ ଅଧିକ ଶକ୍ତିଶାଳୀ, ବ୍ୟାପକ ଓ ଗଭୀର କରିବାରେ ପ୍ରଥମ ନିର୍ବାଚନ ଓ ଏହାର ଐତିହ୍ୟ ନିଶ୍ଚୟ ଦିଗବାରେଣୀ ହୋଇ ରହିବ । ସାଧାରଣ ମଣିଷ ଗଣତନ୍ତ୍ରର ମାଲିକ । ଏକଥା ସମସ୍ତଙ୍କର ମନେ ରଖିବା ଆଜି ଉଚିତ ହେବ । ■

ମୋ: ୮୯୧୭୪୯୧୦୭୪

# ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ମହାପର୍ବ



**ଏକ ଦୃଢ଼ ଏବଂ ସଶକ୍ତ ଗଣତାନ୍ତ୍ରିକ ବ୍ୟବସ୍ଥାର ମେରୁଦଣ୍ଡ ହେଉଛି ନିର୍ବାଚନ । କାରଣ ରାଜନୈତିକ ପୃଷ୍ଠଭୂମିର ଏହି ମହାନ ଗଣପର୍ବ ଗଣତନ୍ତ୍ର ବ୍ୟବସ୍ଥାର ପ୍ରକୃତ ଅର୍ଥ ଓ ଅଭୀପ୍‌ସାକୁ ପରିପୂରଣ କରିଥାଏ । ନାଗରିକ ଅଧିକାର ଏବଂ ସମ୍ମିଳିତ ଶାସନ ବ୍ୟବସ୍ଥାରେ ସାଧାରଣ ନାଗରିକଙ୍କ ଭାଗୀଦାରୀର ପରିକଳ୍ପନାକୁ ନେଇ ଯେ ଗଣତନ୍ତ୍ର ବ୍ୟବସ୍ଥାର ପ୍ରାରମ୍ଭ ଏହା ଅନସ୍ୱୀକାର୍ଯ୍ୟ । ଐତିହାସିକମାନଙ୍କ ମତରେ ପାଶ୍ଚାତ୍ୟ ସଭ୍ୟତାର ମୂଳଦୁଆ ପକାଇଥିବା ପ୍ରାଚୀନ ଗ୍ରୀସ୍‌ରେ ହିଁ ଗଣତନ୍ତ୍ରର ସୃଷ୍ଟି । ଖ୍ରୀଷ୍ଟପୂର୍ବ ୫୦୮ ଶତାବ୍ଦୀରେ ଏଥେନ୍ସର ସିରକାରେ ଏହି ବ୍ୟବସ୍ଥାର ପରିକଳ୍ପନା ସହ ସମ୍ବିଧାନ ଗଠନରେ ଶାସନ ବ୍ୟବସ୍ଥାର ପରିଚାଳନା ଆରମ୍ଭ ହୁଏ ବୋଲି ଇତିହାସ କୁହେ । କିନ୍ତୁ ଏହାର ଯଥେଷ୍ଟ ପୂର୍ବରୁ ବିଶ୍ୱର ସର୍ବପୁରାତନ ସଭ୍ୟତା ଭାବେ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଯେ ଅୟମାରମ୍ଭ ହୋଇଥଲା, ତାହା ମଧ୍ୟ ପ୍ରାଚୀନ ଇତିହାସ ପୃଷ୍ଠା ବର୍ଣ୍ଣନା କରେ । ଐତିହାସିକମାନଙ୍କ ମତରେ ଅଖଣ୍ଡ ଭାରତର ବିଭିନ୍ନ ପ୍ରାଦେଶିକ ଭାଗରେ 'ସଂଘ' ଏବଂ 'ଗଣ' ବ୍ୟବସ୍ଥାରେ ଗଣତନ୍ତ୍ରର ମୂଲ୍ୟବୋଧ ନିହିତ ଥଲା । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ଭାରତର ବିଭିନ୍ନ ଅଞ୍ଚଳରେ ଚତୁର୍ଥ ଶତାବ୍ଦୀ ଯାଏଁ ବଳବତ୍ତର ରହିଥଲା । ତେବେ ଆଧୁନିକ ସମାଜରେ ଗଣତାନ୍ତ୍ରିକ ବ୍ୟବସ୍ଥାର ପୁନରୁତ୍ଥାନ ସହ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ବ୍ୟବସ୍ଥା ଆରମ୍ଭ ହେଲା ଏବଂ ସମୟକ୍ରମେ ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ମର୍ଯ୍ୟାଦା ଲାଭକଲା । ତେବେ ସ୍ୱାଧୀନତୋର ଭାରତରେ ପରିପୁଷ୍ଟ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାର ମହାନପର୍ବ 'ନିର୍ବାଚନ' ବ୍ୟବସ୍ଥାର ସ୍ଥିତି ବିଂଶ ଶତାବ୍ଦୀରେ କିଭଳି ରହିଥିଲା ତାହାକୁ ନେଇ ଆମରଏହି ବିଶେଷ ଆଲେଖ୍ୟ ।**

**ଶ୍ରୀକାନ୍ତ ସାହୁ**

## 'ସଂଘ' ଓ 'ଗଣ' ବ୍ୟବସ୍ଥା

ଗ୍ରୀସ୍‌କୁ ଗଣତନ୍ତ୍ରର ଜନନୀ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ବ୍ୟବସ୍ଥାର ପରିଚାଳନା ପରମ୍ପରା ୫୦୮ ଶତାବ୍ଦୀରେ ଗ୍ରୀସ୍‌ରେ ହିଁ ଆରମ୍ଭ ହୁଏ ବୋଲି ଇତିହାସ କୁହେ । କିନ୍ତୁ ଏହାର ଯଥେଷ୍ଟ ପୂର୍ବରୁ ଅଖଣ୍ଡ ଭାରତର ବହୁ ପ୍ରାଦେଶିକ ଅଞ୍ଚଳରେ 'ସଂଘ' ଓ 'ଗଣ' ବ୍ୟବସ୍ଥା ସୂତ୍ରରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବହନ କରି ଯେ ଶାସନ ବ୍ୟବସ୍ଥା ପରିଚାଳିତ ଥିଲା ଓ ଏହାକୁ ମଧ୍ୟ ଇତିହାସ ଅସ୍ୱୀକାର କରେ ନାହିଁ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଚତୁର୍ଥ ଶତାବ୍ଦୀ ଯାଏ ଭାରତର ବିଭିନ୍ନ ପ୍ରାଦେଶିକ ଭାଗରେ ଏହି ବ୍ୟବସ୍ଥାରେ ପ୍ରଚଳିତ ଶାସନ ପ୍ରଶାସନ ପରିଚାଳନା ସମ୍ପର୍କରେ ଗ୍ରୀକ୍ ବୀର ଆଲେକଜାଣ୍ଡରଙ୍କ ଅଭିଯାନ ଏବଂ ପ୍ରସିଦ୍ଧ ଗ୍ରୀକ୍ ଐତିହାସିକ ମେଘାସ୍ଥିନସ୍‌ଙ୍କ ଭାରତ ପରିଭ୍ରମଣ କାଳଖଣ୍ଡର ଇତିହାସ ପୃଷ୍ଠା ବର୍ଣ୍ଣନା କରେ । ଆଧୁନିକ ସମାଜରେ ଆଜି ବିଶ୍ୱର ବହୁ ରାଷ୍ଟ୍ର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ପ୍ରଶାସନ ବ୍ୟବସ୍ଥା ପରିଚାଳନା କରୁଥଲେ ହେଁ ଏବେ ମଧ୍ୟ ଏକଛତ୍ରବାଦ ଶାସନର ଖିଅ ସମାପ୍ତ ହୋଇସାରିଛି ବୋଲି କହିହେବ ନାହିଁ । ଗଣତନ୍ତ୍ରକୁ ଢାଲ କରି ଏବେ ମଧ୍ୟ ଅନେକ ରାଷ୍ଟ୍ରରେ ରାଜତନ୍ତ୍ର ଏବଂ ଏକଛତ୍ରବାଦ ଶାସନ ବ୍ୟବସ୍ଥାରେ ରାଜନୈତିକ କ୍ଷମତାକୁ ଅଙ୍ଗୀକାର କରାଯାଇଛି । କିନ୍ତୁ ପ୍ରାଚୀନ କାଳରୁ ଅବିଭକ୍ତ ଭାରତୀୟ ଭୂଖଣ୍ଡରେ ଅନୁସୃତ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାର ଛାପ ଆଜି ଭାରତକୁ ବିଶ୍ୱସ୍ତରରେ ସବୁଠାରୁ ବୃହତ୍ ଏବଂ ଏକ ମହତ୍ତ୍ୱପୂର୍ଣ୍ଣ ଗଣତନ୍ତ୍ର ଭାବେ ପ୍ରତିଷ୍ଠା କରାଇଛି ।

## ବ୍ରିଟିଶ୍ ଶାସନକାଳରେ ନିର୍ବାଚନ

ଭାରତ ସ୍ୱାଧୀନ ହେବା ପୂର୍ବରୁ ପ୍ରଥମେ ବ୍ରିଟିଶ ଶାସନକାଳରେ ୧୯୨୦ରେ ଆରମ୍ଭ ହୋଇଥିଲା ନିର୍ବାଚନ । ଯାହାକି ଦେଶର ଆଧୁନିକ ଇତିହାସରେ ପ୍ରଥମ ନିର୍ବାଚନ ଭାବେ ପରିଗଣିତ ହୁଏ । ସେତେବେଳେ ଭାରତ ବିଭିନ୍ନ ପ୍ରଦେଶରେ ବିଭକ୍ତ ଥଲା ବେଳେ ଅନେକ ପ୍ରଦେଶ ରାଜରାଜୁଡ଼ା ଶାସନ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେଉଥଲେ । ବ୍ରିଟିଶ୍ ଇଣ୍ଡିଆ ଶାସନାଧୀନ ଅଞ୍ଚଳକୁ ଏକ ସମନ୍ୱିତ ଢଙ୍ଗରେ ପରିଚାଳନା କରିବାକୁ ୧୯୨୦ରେ ପ୍ରଦେଶିକ ବିଧାନସଭା (ପ୍ରୋଭିନ୍ସିଆଲ ଲେଜିସ୍‌ଲେଟିଭ୍) ଏବଂ ରାଜରାଜୁଡ଼ା (ଇମ୍ପେରିଆଲ୍ ଲେଜିସ୍‌ଲେଟିଭ୍) ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଂସଦୀୟ ବ୍ୟବସ୍ଥାରେ ନିମ୍ନ ସଦନ ଭାବେ 'ସେଣ୍ଟ୍ରାଲ୍ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ଭାବେ ଇମ୍ପେରିଆଲ୍ ଲେଜିସ୍‌ଲେଟିଭ୍ କାର୍ଯ୍ୟ କରିଥିଲା । ଏଥିରେ ମୋଟ ୧୦୪ଟି ଆସନ ପାଇଁ ମତଦାନ କରାଯାଇଥିଲା ବେଳେ ୬୬ଟି ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ବାକି ୩୮ଟି ଆସନ ୟୁରୋପୀୟ ଚାମ୍ବର ଅଫ୍ କମର୍ସ ସଦସ୍ୟମାନଙ୍କ ପାଇଁ ଛାଡ଼ି ଦିଆଯାଇଥିଲା । ସେହିପରି ଉପର ସଦନ ଭାବେ ପରିଚିତ ଥିବା 'କାଉନ୍ସିଲ ଅଫ୍ ଷ୍ଟେଟ୍' ପାଇଁ ମୋଟ ୩୪ଟି ଆସନ ରହିଥିଲା ବେଳେ ଏଥିମଧ୍ୟରୁ ୨୪ଟି ଆସନ ପାଇଁ ମତଦାନ ହୋଇଥିଲା । ୫ଟି ଆସନ ମୁସଲମାନ ସଂପ୍ରଦାୟ ପାଇଁ ଛାଡ଼ି ଦିଆଯିବା ସହିତ ଇଂରେଜମାନଙ୍କ ପାଇଁ ୩ଟି, ଶିଖ୍ ସଂପ୍ରଦାୟ ପାଇଁ ୧ ଏବଂ ମିଳିତ ପ୍ରାଦେଶିକ ଅଞ୍ଚଳ ପାଇଁ ଗୋଟିଏ ଆସନ ରହିଥିଲା । ୧୯୨୧ ଫେବୃଆରୀ ୯ରେ ଏହି ଦୁଇ ସଦନ ବିଶିଷ୍ଟ ସଂସଦକୁ ଡ୍ୟୁକ୍ ଅଫ୍ କନ୍ନଟ୍ ଉନ୍ମୋଚନ କରିଥିଲେ । ଏହି ଦୁଇ ସଦନ ବ୍ୟତୀତ ଦେଶର ବିଭିନ୍ନ ଭୂଖଣ୍ଡରେ ପ୍ରାଦେଶିକ ବିଧାନସଭା ନିର୍ବାଚନ ବା ପ୍ରୋଭିନ୍ସିଆଲ୍ ଲେଜିସ୍‌ଲେଟିଭ୍ ପାଇଁ ମତଦାନ କରାଯାଇଥିଲା । ଏହାପରେ ଇଂରେଜମାନଙ୍କ ଦ୍ୱାରା ପ୍ରଣୀତ ଭାରତ ସରକାରଙ୍କ ଆଇନ, ୧୯୩୫ ଅନୁସାରେ କିଛି କେନ୍ଦ୍ରୀୟ ଏବଂ ପ୍ରାଦେଶିକ ବିଧାନସଭା ପାଇଁ ୧୯୩୭ ଏବଂ ୧୯୪୬ରେ ନିର୍ବାଚନ ହୋଇଥିଲା, ଯେଉଁଥିରେ ଭାରତୀୟ ମୋଟ ଜନସଂଖ୍ୟାର ମାତ୍ର ୧୪ ପ୍ରତିଶତ ନାଗରିକ ମତଦାନରେ ଭାଗ ନେଇଥଲେ ।

## ନିର୍ବାଚନ ପାଇଁ ପ୍ରସ୍ତୁତି

୧୯୪୭ରେ ଦେଶ ସ୍ୱାଧୀନ ଲାଭ କରିବା ପରେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ୧୯୪୭ରେ ଦେଶ ସ୍ୱାଧୀନତା ହାସଲ କରିଥିଲେ



ହେଁ ୧୯୫୦ ପର୍ଯ୍ୟନ୍ତ ଭାରତୀୟ ସମ୍ବିଧାନ ପ୍ରଣୀତ ହେବା ଯାଏ ଭାରତ ବ୍ରିଟିଶ୍ ଭୂଖଣ୍ଡର ଅଂଶ ଭାବେ 'ଇଣ୍ଡିଆନ୍ ଡୋମିନିୟନ୍' ହୋଇ ରହିଥିଲା । କିନ୍ତୁ ୧୯୫୦ରେ ନିର୍ବାଚନ ପ୍ରକ୍ରିୟା ପାଇଁ ସବୁ ରାଜ୍ୟଙ୍କୁ ଅବଗତ କରାଯିବା ସହିତ ଭାରତୀୟ ନିର୍ବାଚନ ଆୟୋଗ ଗଠନ ପାଇଁ ମଧ୍ୟ ପ୍ରସ୍ତୁତି ହୋଇଥିଲା । ସେହିବର୍ଷ ମାର୍ଚ୍ଚ ମାସରେ ସୁକୁମାର ସେନ୍‌ଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯିବା ସହିତ ନଭେମ୍ବରରେ ନିର୍ବାଚନ କରାଯାଇଥିଲା । କେବଳ ବିହାର, ଓଡ଼ିଶା ଏବଂ ପଞ୍ଜାବରେ ୧୯୫୧ରେ ନିର୍ବାଚନ କରାଯାଇଥିଲା । ୧୯୫୦ରେ ସଂସଦରେ ଜନପ୍ରତିନିଧି ଆଇନ ଅନୁମୋଦନ ଲାଭ କରିବା ପରେ ମତଦାନ ପାଇଁ ଭୋଟରମାନଙ୍କ ଯୋଗ୍ୟତା ଏବଂ ଆଧାର ପ୍ରସ୍ତୁତ କରାଯାଇଥିଲା । ଏହାପରେ ପରେ ୧୯୫୧ରେ ଜନପ୍ରତିନିଧି ଆଇନରେ ବିଧାୟକ, ସାଂସଦଙ୍କ ଯୋଗ୍ୟତା, ନିର୍ବାଚନ ଆୟୋଗ ପରିଚାଳନା ବ୍ୟବସ୍ଥାର ରୂପରେଖ, ନିର୍ବାଚନୀ ବ୍ୟୟ ଆଦିକୁ ନେଇ ପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ତେବେ ଏହି ସମୟରେ ମତଦାନ ପାଇଁ ସବୁଠୁ ଆହ୍ୱାନପୂର୍ଣ୍ଣ ଥିଲା ଶରଣାର୍ଥୀ ସମସ୍ୟା । ଦେଶ ବିଭାଜନ ପରେ ପାକିସ୍ତାନରୁ ଲକ୍ଷ ଲକ୍ଷ ଲୋକ ଭାରତରେ ପ୍ରବେଶ କରିଥିଲା ବେଳେ ଭାରତରୁ ମଧ୍ୟ ହଜାର ହଜାର ଲୋକ ପାକିସ୍ତାନ ପଳାଇ ଯାଇଥିଲେ । ତେବେ ୧୯୫୦ ଜନପ୍ରତିନିଧି ଆଇନ ଅନୁସାରେ ଯେଉଁ ବ୍ୟକ୍ତିଙ୍କ ବୟସ ୨୧ ହୋଇସାରିଥିବ ଏବଂ ସେ ଭାରତରେ ୧୮୦ ଦିନରୁ ଅଧିକ ସମୟ ରହିଥିବେ ସେ ମତଦାନ କରିବାର ବ୍ୟବସ୍ଥା କରାଯାଇଥିଲା । ଅନ୍ୟପକ୍ଷରେ ପାକିସ୍ତାନରୁ ପଳାଇ ଆସି ଭାରତରେ ଶରଣାର୍ଥୀ ଭାବେ ରହିଥିବା ଲୋକମାନଙ୍କ ପାଇଁ ମତଦାନ କରିବାକୁ ସମସ୍ୟା ଉପୁଜିଥିଲା । ଏହାକୁ ଦୃଷ୍ଟିରେ ରଖି ୧୯୫୦ ଜନପ୍ରତିନିଧି ଆଇନ ଅନୁସାରେ ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।







## ବାଲାଟ୍, ବୁଥ୍ ଓ କାଳି

ଦେଶର ପ୍ରଥମ ସାଧାରଣ ନିର୍ବାଚନରେ ୪୫୦୦ ଆସନ ପାଇଁ ମତଦାନ ହୋଇଥିଲା। ଏଥିମଧ୍ୟରୁ ୪୦୧ ନିର୍ବାଚନ କ୍ଷେତ୍ରରୁ ୪୮୯ଟି ଲୋକସଭା ଆସନ ପାଇଁ ମତଦାନ ହୋଇଥିଲା ବେଳେ ୪୦୦୦ ପ୍ରାଦେଶିକ ବିଧାନସଭା କ୍ଷେତ୍ର ପାଇଁ ମତଦାନ କରାଯାଇଥିଲା। ସରକାରୀ ଏବଂ ଘରୋଇ ବାସଗୃହ ଏବଂ ସାର୍ବଜନିକ ସ୍ଥଳକୁ ଉପଯୋଗ କରି ପ୍ରାୟ ୨ ଲକ୍ଷ ୨୪ ହଜାର ବୁଥ୍ ପ୍ରସ୍ତୁତ କରାଯାଇଥିଲା। ଯେହେତୁ ଏହା ଦେଶର ପ୍ରଥମ ନିର୍ବାଚନ ଥିଲା, ନିର୍ବାଚନୀ ଭିତ୍ତିଭୂମି ପ୍ରସ୍ତୁତିର ପରିକଳ୍ପନାକୁ ନେଇ ଅନେକ ସମସ୍ୟା ରହିଥିଲା। ଜାତୀୟ ସ୍ତରରେ ଲକ୍ଷାଧିକ ମତଦାନ କେନ୍ଦ୍ର ପାଇଁ ଲୌହ ପ୍ରସ୍ତୁତ ବାଲାଟ୍ ବକ୍ସ ପ୍ରସ୍ତୁତ କରିବା ସବୁଠାରୁ ବଡ଼ ଆହ୍ୱାନପୂର୍ଣ୍ଣ ରହିଥିଲା। ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳଙ୍କ ପାଇଁ ଭିନ୍ନ ବାଲାଟ୍ ବକ୍ସ ପ୍ରସ୍ତୁତ କରିବା ଏକପ୍ରକାର କଷ୍ଟକର ବ୍ୟାପାର ଥିଲା। ତଥାପି ଏହି ସମୟରେ ପ୍ରାୟ ୨୦ ଲକ୍ଷରୁ ଅଧିକ ବାଲଟ୍ ବକ୍ସ ପ୍ରସ୍ତୁତ କରାଯାଇଥିଲା।

ବାଲାଟ୍ ବକ୍ସ ବ୍ୟତୀତ ଭୋଟରମାନଙ୍କ ମତଦାନ ପାଇଁ ଆଉ ଏକ ସମସ୍ୟା ଥିଲା କାଳି। ଭାରତରେ ନିର୍ବାଚନ ପ୍ରକ୍ରିୟାରେ ଇଭିଏମ୍ ମେସିନ ପ୍ରଚଳନ ପୂର୍ବରୁ ମତଦାନକୁ ନିଶ୍ଚିତ କରିବା ଲାଗି ଏହି ଭୋଟ୍ କାଳି ହିଁ ବ୍ୟବହୃତ ହୋଇ ଆସିଥିଲା। କିନ୍ତୁ ପ୍ରଥମ ନିର୍ବାଚନ ପାଇଁ ଏହି ପଦ୍ଧତିକୁ ଉପଯୋଗ କରିବା ଦିଗରେ ବହୁ ବିଶେଷଜ୍ଞମାନଙ୍କ ମତ ଓ ପରାମର୍ଶ ଲୋଡ଼ିବାକୁ ପଡ଼ିଥିଲା। ତେବେ ବୈଜ୍ଞାନିକ ଏବଂ ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ଭୋଟରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କିସମର କାଳି ବ୍ୟବହାର କରାଯାଇଥିଲା, ଯାହାକି ବର୍ଷ ବର୍ଷ ଧରି ଏବଂ ଇଲେକ୍ଟ୍ରୋନିକ୍ ଇଭିଏମ୍ ମେସିନ ପ୍ରଚଳନ ନ ହେବା ଯାଏ ଚାଲୁ ରହିଥିଲା।








## ଟେକ୍ନୋଲୋଜି, ଅନ୍‌ଲାଇନ ବ୍ୟବସ୍ଥାକୁ ନେଇ ବଦଳିଛି ନିର୍ବାଚନୀ ତରିକା

୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୯୫୧ରେ ଦେଶରେ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହେବାର ପ୍ରାୟ ୭୩ ବର୍ଷ ପରେ ଚଳିତ ବର୍ଷ ଅଷ୍ଟାଦଶ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସମୟକ୍ରମେ ଏବଂ ଆବଶ୍ୟକତା ଅନୁସାରେ ନିର୍ବାଚନ ପ୍ରକ୍ରିୟାରେ ଯଥେଷ୍ଟ ପରିବର୍ତ୍ତନ ଆସିଥିଲା ବେଳେ ଦେଶର ପ୍ରଥମ ନିର୍ବାଚନ ଏବଂ ଆଜିର ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଆକାଶପାତାଳ ଫରକ୍ ରହିଛି। ପ୍ରଥମ ନିର୍ବାଚନ ବେଳେ ଯେଉଁଠି ବଳଦ ଗାଡ଼ି, ଘୋଡ଼ା କିମ୍ବା ଅନ୍ୟ ପାଳିତ ପଶୁଙ୍କ ମାଧ୍ୟମରେ ନିର୍ବାଚନୀ ପ୍ରଚାର ଅଭିଯାନ କରାଯାଇଥିଲା, ଆଜି ଅତ୍ୟାଧୁନିକ ଟେକ୍ନୋଲୋଜି, ଅନ୍‌ଲାଇନ୍ ପ୍ଲାଟଫର୍ମ, ସୋସିଆଲ୍ ମିଡିଆ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଉପଯୋଗ ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ, ନିର୍ବାଚନ ବେଳେ ଯେଭଳି କୌଣସି ନାଗରିକଙ୍କ ସ୍ୱାଧିକାର ଭଙ୍ଗ ନ ହୁଏ ଏବଂ କୌଣସି ସ୍ଥିତିରେ ଯେଭଳି ମାନବାଧିକାର ଉଲ୍ଲଙ୍ଘନ ନ ହୁଏ, ତାହାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯାଉଛି। ଏଥିପାଇଁ ଆନ୍ତର୍ଜାତିକ ସ୍ତରରେ ପ୍ରଚଳିତ ନିୟମ କାନୁନ୍‌କୁ ଅଗ୍ରାଧିକାର ଦିଆଯାଇ ଭାରତରେ ନିର୍ବାଚନ ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ



ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଭାରତୀୟ ନିର୍ବାଚନୀ ବ୍ୟବସ୍ଥାର ପ୍ରଚାରପ୍ରସାର ପାଇଁ ବିଶ୍ୱର ପ୍ରାୟ ୩୦ରୁ ଅଧିକ ଗଣତାନ୍ତ୍ରିକ ରାଷ୍ଟ୍ରର ବହୁ ପ୍ରତିନିଧି ଦଳଙ୍କୁ ମଧ୍ୟ ଭାରତ ଆମନ୍ତ୍ରଣ କରାଯିବା ସହିତ ଏହାର ପର୍ଯ୍ୟବେକ୍ଷଣ ଲାଗି ବ୍ୟବସ୍ଥା କରାଯାଇଛି। ଆନ୍ତର୍ଜାତିକ ମାନବାଧିକାର ସଂଗଠନ ସହ ଭାରତ ଚୁକ୍ତିବଦ୍ଧ ହୋଇ ଭାରତରେ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଅତ୍ୟାଧୁନିକ ବୈଷୟିକ ବିଦ୍ୟା ପ୍ରୟୋଗରେ ନିର୍ବାଚନ ପରିଚାଳନା କ୍ଷେତ୍ରର ବିଭିନ୍ନ ଦିଗକୁ ସଂଯୋଜିତ କରାଯାଇଥିବାରୁ ଅନଲାଇନ ପ୍ଲାଟଫର୍ମଠାରୁ ଆରମ୍ଭ କରି ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏବଂ ଡାଟା ବେସ୍ କମ୍ପାନୀଗୁଡ଼ିକର ଭୂମିକା ଏହି ନିର୍ବାଚନ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ଏବଂ ପ୍ରଥମଥର ପାଇଁ ଭୋଟ ଦେଉଥିବା ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କ ଭୋଟର୍ ଯେଭଳି ସେମାନଙ୍କ ମତଦାନ ଠିକଣା ଭାବେ ସମ୍ପାଦିତ କରିପାରିବେ, ତାହାକୁ ନିଶ୍ଚିତ କରାଯାଇଛି। ■

■ ନିର୍ବାଚନ ଲଲିପପ୍

# ଭାରତ ବିଭାଜନର ଷଡ଼ଯନ୍ତ୍ର

ହୋଚିମିନ୍ ଦେବତା

ନିର୍ବାଚନ ମାଧ୍ୟମରେ ଦେଶରେ ଗଣତନ୍ତ୍ର ଶାସନର ପ୍ରତିଷ୍ଠା ଭାରତୀୟମାନଙ୍କ ପାଇଁ ସହଜସାଧ ନ ଥିଲା । ଏଥିପାଇଁ ଦେଶର ନାଗରିକମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି । ନିର୍ବାଚନ ପ୍ରକ୍ରିୟା ଲାଗୁ କରିବାକୁ ସାମ୍ରାଜ୍ୟବାଦୀ ବ୍ରିଟିଶ୍ ଶାସକ ବର୍ଷ ବର୍ଷ ଧରି ଭାରତୀୟଙ୍କ ହାତରେ ଲଲିପପ୍ ଧରାଇଥିଲା । ସ୍ୱେଚ୍ଛାଚାରୀ ଶାସନର ୧୦୧ ବର୍ଷ ପରେ ଭାରତୀୟମାନେ ପ୍ରଥମେ ପରାମର୍ଶଦାତା ପରେ ମନୋନୀତ ସଦସ୍ୟ ଶେଷରେ ନିର୍ବାଚିତ ପ୍ରତିନିଧିର ଯାତ୍ରା କରିଥିଲେ । ଏପରିକି ୧୯୦୯ରେ ନିର୍ବାଚନ ଆଇନ ଲାଗୁକରି ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା । ୧୯୨୦ରେ ନିର୍ବାଚନ ପୂର୍ବରୁ ଦେଶକୁ ପୃଥକ୍ ନିର୍ବାଚନ ବ୍ୟବସ୍ଥା ଜରିଆରେ ପ୍ରଥମେ ଧର୍ମୀୟ ଭାବନାକୁ କୁଠାରଘାତ କରାଯାଇଥିଲା । ମୁସଲିମ୍, ଶିଖ୍, ଭାରତୀୟ ଖ୍ରୀଷ୍ଟିଆନଙ୍କୁ ସ୍ୱତନ୍ତ୍ର ମତଦାନର ଅଧିକାର ଦେଇ ଫାଟ ସୃଷ୍ଟି କରାଗଲା । ପର୍ଯ୍ୟାୟକ୍ରମେ ବର୍ଣ୍ଣ, ବୃତ୍ତି, ଲିଙ୍ଗ ଏବଂ ଅଞ୍ଚଳିକତାକୁ ସ୍ୱତନ୍ତ୍ର ଭୋଟଦାନ ଅଧିକାର ଦିଆଗଲା । ଏହି ଫାଟକୁ ସ୍ୱାଧୀନତା ପର୍ଯ୍ୟନ୍ତ ବିଭିନ୍ନ ଆଇନ ମାଧ୍ୟରେ ଆହୁରି ଗଭୀର କରିଥିଲା ବ୍ରିଟିଶ୍ ସରକାର । ଯାହାର ଫଳ ସ୍ୱରୂପ ଦେଶ ବିଭାଜନ ଭଳି ବିଭୀଷିକା ଆଜି ମଧ୍ୟ ମନରୁ ଯାଉ ନାହିଁ ।



## ପରାମର୍ଶଦାତାରୁ ଶାସନ ବ୍ୟବସ୍ଥାରେ ଏଣ୍ଟ୍ରି

୧୮୫୭ର ସିପାହୀ ବିଦ୍ରୋହ ବାଧ କରିଥିଲା ବ୍ରିଟିଶ୍ ସରକାରଙ୍କୁ ଭାରତୀୟମାନଙ୍କୁ ଶାସନ ପ୍ରକ୍ରିୟାରେ ସାମିଲ କରିବାକୁ । ବିଦ୍ରୋହର ପରେ ପରେ ଭାରତ ସରକାରଙ୍କ ଆଇନ ୧୮୫୮ ବ୍ରିଟିଶ୍ ପାର୍ଲିଆମେଣ୍ଟ ଦ୍ୱାରା ପାରିତ ହୋଇଥିଲା । ଏହି ଆଇନ୍ ଅନୁଯାୟୀ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତରୁ ଶାସନ କ୍ଷମତା ଛଡ଼ାଇ ନିଆଯାଇଥିଲା । ଅନ୍ୟପକ୍ଷରେ ଜଣେ କ୍ୟାବିନେଟ୍ ପାହ୍ୟ ମନ୍ତ୍ରୀଙ୍କୁ ସେକ୍ରେଟାରୀ ଅଫ୍ ଷ୍ଟେଟ୍ କ୍ଷମତା ଦିଆଯାଇଥିଲା । ସେ ଏକ ୧୫ ଜଣିଆ ପରାମର୍ଶଦାତା କାଉନ୍ସିଲ ଦ୍ୱାରା ଭାରତୀୟ ଶାସନ ବ୍ୟବସ୍ଥାର ଭାର ସମ୍ଭାଳି ଥିଲେ । ଯେଉଁଥିରେ ଦାଦା ଭାଇ ନାରୋଜୀ ପ୍ରଥମ ଭାରତୀୟ ଭାବେ ମନୋନୀତ ହୋଇ ଶାସନ ବ୍ୟବସ୍ଥାରେ ଅଂଶଗ୍ରହଣ କରିଥିଲେ । ହେଲେ ଭାରତମାଟିରେ ପରିଚାଳିତ ହେଉଥିବା ବିଟିଶ୍ ଶାସନରେ ସେ ପର୍ଯ୍ୟନ୍ତ ଜଣେ ବି ଭାରତୀୟ ଶାସନରେ ସାମିଲ ହୋଇ ନ ଥିଲେ ।

## ୧୮୭୨ରେ ସରକାରରେ ୩ ଭାରତୀୟ ମନୋନୀତ

ବ୍ରିଟିଶ୍ ପାର୍ଲିଆମେଣ୍ଟରେ "ଭାରତୀୟ କାଉନ୍ସିଲ ଆଇନ-୧୮୬୧" ପାରିତ ହୋଇଥିଲା, ଯେଉଁଥିରେ ଭାତରମାଟିରେ ବ୍ରିଟିଶ୍ ଶାସନର ମୁଖିଆ ଭାଇସ୍‌ରୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ତାଙ୍କ ସରକାରରେ ଭାରତୀୟଙ୍କୁ ସାମିଲ କରିବାକୁ । ଏହି ଆଇନ ଅନୁଯାୟୀ, ୧୮୭୨ ମସିହାରେ ୩ଜଣ ଭାରତୀୟ ବନାରସର ରାଜା, ପଟିଆଲାର ମହାରାଜା ଏବଂ ସାର୍ ଦିନକର ରାଓଙ୍କୁ ଅଣ-ଅଧିକାରୀ ସଦସ୍ୟ ଭାବେ ଭାଇସରୟ କାଉନ୍‌ସିଲରେ ସାମିଲ କରାଯାଇଥିଲା ।

## ୧୯ ବର୍ଷ ପରେ ପ୍ରାଦେଶିକ ସରକାରରେ ମନୋନୀତ ସଦସ୍ୟ

ବିରୋଧର ସ୍ୱର ବଢ଼ିବାରୁ ପ୍ରାଦେଶିକ ସରକାରଗୁଡ଼ିକରେ ମଧ୍ୟ ଭାରତୀୟ ସଦସ୍ୟ ମନୋନୀତ ସଦସ୍ୟଙ୍କୁ ସାମିଲ କରାଗଲା । ଜିଲ୍ଲା ବୋର୍ଡ, ପୌରପାଳିକା, ବିଶ୍ୱବିଦ୍ୟାଳୟ, ବାଣିଜ୍ୟ ସଂଗଠନ, ଜମିଦାର ଏବଂ ଚ୍ୟାମ୍ବରମାନଙ୍କ ଦ୍ୱାରା ପ୍ରସ୍ତାବିତ ସଦସ୍ୟଙ୍କୁ ରାଜ୍ୟପାଳ ମନୋନୀତ କରିଥିଲେ । ହେଲେ ଏଥିରେ ସନ୍ତୁଷ୍ଟ ନ ଥିଲେ ଭାରତୀୟମାନେ । ନିର୍ବାଚନ ମାଧ୍ୟମରେ ସରକାରରେ ସାମିଲ ହେବାକୁ ଅଡ଼ି ବସିଥିଲେ ଭାରତୀୟ ।

## ଆଇନ ପାରିତ, ନିର୍ବାଚନ ନୋହିଲା

୧୮୫୭ର ସିପାହୀ ବିଦ୍ରୋହରେ ହିନ୍ଦୁ-ମୁସଲିମ୍ ଏକାଠି ରହିବା ଦ୍ୱାରା ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନର ପରିସମାପ୍ତି ଘଟିଥିଲା । ଏଣୁ ଧର୍ମୀୟ ଏକତା ଭଙ୍ଗ କରି ଦେଶକୁ ଭାଗ ଭାଗ କରି ବ୍ରିଟିଶ୍ ସରକାର ଶାସନ କରିବାକୁ ବଙ୍ଗ ବିଭାଜନର ଷଡ଼ଯନ୍ତ୍ର ରଚିଥିଲା । ବଙ୍ଗ ବିଭାଜନ ଦ୍ୱାରା ସଚେତନ ଯୁବ ଗୋଷ୍ଠୀ ଚରମପନ୍ଥୀ ବିଚାରଧାରା ଆଡ଼କୁ ମୁହାଁଇଲେ । ଏହାକୁ ରୋକିବାକୁ ଯାଇ ୧୯୦୯ ଆଇନରେ ନିର୍ବାଚନର ବ୍ୟବସ୍ଥା ମୋର୍ଲେ-ମିଣ୍ଟୋ ଶାସନ ସଂସ୍କାର ଅଣାଯାଇଥିଲା । ହେଲେ ନିର୍ବାଚନ ସହିତ ମୁସଲିମ୍‌ଙ୍କ ପାଇଁ ପୃଥକ୍ ନିର୍ବାଚନ ପଦ୍ଧତି (ସେପାରେଟ୍ ଇଲେକ୍ଟୋରେଟ୍) କରି ଧର୍ମୀୟ ବିଭାଜନକୁ କାନୁନି ଜାମା ପିନ୍ଧାଇଲା ବ୍ରିଟିଶ୍ ସରକାର । ଏହାସତ୍ତ୍ୱେ ମଧ୍ୟ ବିଦେଶୀ ଠକ ସରକାର ବିଭିନ୍ନ ଆଳ ଦେଖାଇ ଦେଶରେ ନିର୍ବାଚନ କରାଇଲା ନାହିଁ ।

## ନିର୍ବାଚନ ଅଧିକାର ପୂର୍ବରୁ ବିଭାଜନ




ନିର୍ବାଚନର ପର୍ବ ଆରମ୍ଭ କରିବା ପୂର୍ବରୁ ବ୍ରିଟିଶ୍ ସରକାର ଧର୍ମ ଅଧାରରେ ଦେଶକୁ ବିଭାଜନ କରି ଲୋକଙ୍କ ମନରେ ବିଷମଞ୍ଜି ବୁଣିବା ଆରମ୍ଭ କଲେ । ପରେ ନିର୍ବାଚନ ଆରମ୍ଭ ହେଲା । ଯାହାଫଳରେ ଭାରତୀୟମାନେ ନିଜ ଭିତରେ ଲଢ଼ିବେ ଏବଂ ବ୍ରିଟିଶ୍ ଶାସନ ସୁରୁଖୁରୁରେ ଚାଲିବ । ୧୯୦୯ରେ ମୁସଲିମ୍‌ଙ୍କୁ ଦିଆଯାଇଥିବା ସ୍ପେଶାଲ୍ ଇଲେକ୍ଟୋରେଟ୍ "ଭାରତ ସରକାର ଆଇନ ୧୯୧୯"ରେ ଦେଶର ପ୍ରମୁଖ ଧର୍ମ ଓ ସମ୍ପ୍ରଦାୟ ବିଭାଜିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ଶିଖ୍, ଭାତୀୟ ଖ୍ରୀଷ୍ଟିଆନ୍, ଆଙ୍ଗଲୋ ଇଣ୍ଡିଆନ୍ ଏବଂ ଇଉରୋପୀୟ । ଗୋଟଏ ପଟେ ଦେଶକୁ ବିଭାଜନ କରୁଥିଲା ବେଳେ ଅନ୍ୟପକ୍ଷେ ଏହାକୁ ଘୋଡ଼ାଇବାକୁ ଯାଇ ଦୀର୍ଘ ଦିନର ମହିଳାଙ୍କ ଭୋଟ୍ ଦେବା ଅଧିକାରକୁ ଏହି ଆଇନ୍‌ରେ ମୋହର ମରାଯାଇଥିଲା ।



## କମ୍ୟୁନାଲ୍ ଆୱାର୍ଡ

ଭାରତରେ ରହୁଥିବା ଲୋକଙ୍କୁ ଭାରତୀୟ ବଦଳରେ ମୁସଲିମ୍, ଶିଖ୍, ଭାରତୀୟ ଖ୍ରୀଷ୍ଟିଆନ୍, ଆଙ୍ଗଲୋ-ଇଣ୍ଡିଆନ୍ ଭାବେ ଅଲଗା ଅଲଗା କରାଗଲା । ଏହା ସତ୍ତ୍ୱେ ମଧ୍ୟ ୧୯୩୨ରେ ହିନ୍ଦୁ ଧର୍ମକୁ ଖଣ୍ଡବିଖଣ୍ଡିତ କରିବାକୁ ଟାର୍ଗେଟ୍ କଲା ବ୍ରିଟିଶ୍ ସରକାର । ଦଳିତମାନଙ୍କୁ ସେପାରେଟ୍ ଇଲେକ୍ଟୋରେଟ୍ ବ୍ୟବସ୍ଥାରେ ସାମିଲ ପାଇଁ ନିଷ୍ପତ୍ତି ନେଇଥିଲେ ତତ୍କାଳୀନ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ରାମସେ ମାକ୍‌ଡୋନାଲ୍ଡ । ଗାନ୍ଧିଜୀ ଏହାକୁ ଭାରତୀୟ ଏକତା ଏବଂ ଦେଶର ଜାତୀୟତାବାଦ ଉପରେ ଆକ୍ରମଣ ବୋଲି ଅଭିହିତ କରିବା ସହ ଏହା ଉଭୟ ହିନ୍ଦୁ ଏବଂ ଦଳିତଙ୍କ ପାଇଁ କ୍ଷତିକାରକ ବୋଲି ଦର୍ଶାଇଥିଲେ । ଏହାପରେ ସେ ପୁଣେର ଏରୱାଡା ଜେଲରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅନଶନକୁ ଚାଲିଗଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ କରିବା ପରେ ବାବା ସାହେବ ଆମ୍ବେଦକରଙ୍କ ସହ ଆଲୋଚନା ହୋଇଥିଲା । ସେପାରେଟ୍ ଇଲେକ୍ଟୋରେଟ୍ ବଦଳରେ ସଂରକ୍ଷଣକୁ ନେଇ ହେଇଥିବା ଆଲୋଚନାକୁ ଗାନ୍ଧୀ ବିରୋଧ କରି ନ ଥିଲେ । ଏହାପରେ କମ୍ୟୁନାଲ୍ ଆୱାର୍ଡକୁ ବନ୍ଦ କରାଯାଇଥିଲା ଏବଂ ଦଳିତଙ୍କୁ ସଂରକ୍ଷଣ ଦିଆଯାଇଥିଲା । ଯାହାଫଳରେ ହିନ୍ଦୁମାନଙ୍କ ମଧ୍ୟରେ ବିଭାଜନକୁ ରୋକାଯାଇ ପାରିଥିଲା ।




## ମାତ୍ର ୧୦ ପ୍ରତିଶତଙ୍କୁ ଭୋଟଦାନ ଅଧିକାର

"ଭାରତ ସରକାର ଆଇନ୍-୧୯୩୫"ରେ ମାତ୍ର ୧୦ ପ୍ରତିଶତଙ୍କୁ ମତଦାନ କରିବାର ଅଧିକାର ମିଳିଥିଲା । ଏହା ସହ ମହିଳା, ଶ୍ରମିକ, ମରାଠା ଏବଂ ଦଳିତ ପାଇଁ ସେପାରେଟ୍ ଇଲେକ୍ଟୋରେଟ୍ ବ୍ୟବସ୍ଥା କରାଯାଇଥିଲା ।

## ୧୯୨୦ରେ ପରାଧୀନ ଭାରତର ପ୍ରଥମ ନିର୍ବାଚନ

୧୯୨୦ ମସିହାରେ ପରାଧୀନ ଭାରତର ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଥିଲା ଯେ, ଭାରତୀୟଙ୍କ ସଂଖ୍ୟାଗରିଷ୍ଠତା ହୋଇ ପାରିବ ନାହିଁ । ଯାହାଫଳରେ ସମସ୍ତ ନିୟନ୍ତ୍ରଣ ବ୍ରିଟିଶ୍ ହାତରେ ରହିବ । ଇଣ୍ଡିଆନ କାଉନ୍‌ସିଲ ପାଇଁ ମୋଟ ୧୦୪ ଆସନ ଉପରେ ନିର୍ବାଚନ ହୋଇଥିଲା । ଏହା ମଧ୍ୟରୁ ୩୮ଟି ଆସନରେ ୟୁରୋପିଆନ୍ ଏବଂ ଚାମ୍ବର ଅଫ୍ କମର୍ସର ସଦସ୍ୟଙ୍କ ପାଇଁ ସଂରକ୍ଷିତ ରଖାଯାଇଥିଲା । ମାତ୍ର ୬୬ଟି ଆସନରେ ଭାରତୀୟମାନେ ନିର୍ବାଚନ ଲଢ଼ିପାରିବା ନେଇ ବ୍ୟବସ୍ଥା କରାଯାଇଥିଲା । ସରକାରରେ ମାତ୍ର ୩ ଜଣଙ୍କୁ ସାମିଲ କରାଯାଇଥିଲା । ସେମାନେ ହେଲେ ତେଜ୍ ବାହାଦୁର ସାପ୍ରୁ, ବି.ଏନ୍. ଶର୍ମା ପ୍ରମୁଖ । ସେହିପରି ପ୍ରାଦେଶିକ ସ୍ତରରେ ୬୩୭ ଆସନ ପାଇଁ ନିର୍ବାଚନ ହୋଇଥିଲା । ଯେଉଁଥିରେ କୌଣସି ପ୍ରାର୍ଥୀ ନ ଥିବାରୁ ୧୮୮ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ନ ଥିଲା । ୪୪୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଗାନ୍ଧୀଙ୍କ ନିର୍ବାଚନ ବାସନ୍ଦ ପାଇଁ ୬ଟି ଆସନରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିଲେ । ଏହା ସହିତ ମୋଟ ୩୮ଟି ଆସନ ଶ୍ୱେତାଙ୍ଗଙ୍କ ପାଇଁ ସଂରକ୍ଷିତ ରହିଥିଲା ।

## ପରାଧୀନ ଭାରତର ପ୍ରଥମ ନିର୍ବାଚନକୁ କଂଗ୍ରେସର ପ୍ରତ୍ୟାଖ୍ୟାନ

ଜାଲିଆନ୍‌ୱାଲାବାଗ୍‌ରେ ଭାରତୀୟଙ୍କ ଉପରେ ଲୋମହର୍ଷଣକାରୀ ଗୁଳିଚାଳନାର ମାମଲାର ମୁଖ୍ୟ କାର୍ପଟଦାର ଜେନେରାଲ୍ ଡାଏରଙ୍କୁ ଦୋଷୀ ସାବ୍ୟସ୍ତ କରାଗଲେ ମଧ୍ୟ ତାଙ୍କ ବିରେଧରେ ଅଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ । ଏହାକୁ ନେଇ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ବିରୋଧ କରିଥିଲେ । ଏହାସହ ଖିଲାପତ ମାମଲାରେ କଂଗ୍ରେସ ଅସହଯୋଗ ଆନ୍ଦୋଳନ ଡାକରା ଦେଇ ନିର୍ବାଚନକୁ ପ୍ରତ୍ୟାଖ୍ୟାନ କରିଥିଲା ।

## ଦ୍ୱିତୀୟ ନିର୍ବାଚନରେ କଂଗ୍ରେସର "ବି ଟିମ୍"

ଅସହଯୋଗ ଆନ୍ଦୋଳନ ପରେ କଂଗ୍ରେସ ୨ ଭାଗରେ ବିଭକ୍ତ ହୋଇଥିଲା । ଗୋଟିଏ ପକ୍ଷ ନିର୍ବାଚନକୁ ବର୍ଜନ କରିବା ସପକ୍ଷରେ ଥିଲାବେଳେ ଆଉ ଗୋଟିଏ ପକ୍ଷ ନିର୍ବାଚନ ବିପକ୍ଷରେ ମତ ଦେଇଥିଲେ । ସପକ୍ଷରେ ଥିବା ସ୍ୱାଧୀନତା ସଂଗ୍ରମୀଙ୍କ ମତରେ ନିର୍ବାଚନ ଦ୍ୱାରା ସରକାରରେ ପ୍ରବେଶ କରି ଲେଜିସ୍‌ଲେଟିଭ୍ କାଉନସିଲ୍‌କୁ ବିରୋଧର ଏକ ମଞ୍ଚ ଭାବେ ବ୍ୟବହାର କରିବା । ଏହାସହ ଭାରତୀୟ ପ୍ରଶ୍ନକୁ ଜୋରସୋରରେ ଉଠାଇବା । କଂଗ୍ରେସର ଏହି ଗୋଷ୍ଠୀକୁ ସ୍ୱରାଜିଷ୍ଟ କୁହାଯାଉଥିଲା । ଚିତ୍ତରଞ୍ଜନ ଦାସ, ମୋତିଲାଲ ନେହରୁ ଏବଂ ଆଜମଲ ଖାନ୍ ସ୍ୱରାଜିଷ୍ଟମାନଙ୍କ ନେତୃତ୍ୱ ନେଇଥିଲେ । ଏହାସହ ୧୯୨୩ ନିର୍ବାଚନରେ ସ୍ୱରାଜ ପାର୍ଟି ସଂଖ୍ୟାଗରିଷ୍ଠ ଦଳ ଭାବେ ୩୮ ଆସନରେ ବିଜୟ ଲାଭ କରିଥିଲା । ଇଣ୍ଡିଆନ୍ ଲିବରାଲ୍ ପାର୍ଟିକୁ ୨୭ ଆସନ ମିଳିଥିଲା ।

## ସ୍ୱରାଜ ପାର୍ଟିର ସଫଳତା

- ମେଣ୍ଟ ଦ୍ୱାରା ଅନେକ ସମୟରେ ବିତ୍ତୀୟ ଅନୁଦାନ ଏବଂ ଏକଚ୍ଛତ୍ରବାଦୀ ସରକାରଙ୍କ ବିରୋଧରେ ଭୋଟ ଦେଇଥିଲା ଏବଂ ମୁଲତବି ପ୍ରସ୍ତାବ ଆଣିଥିଲା ।
- ବିଠଲ୍ ଭାଇ ପଟେଲ ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ।
- ବ୍ରିଟିଶ୍ ସରକାର ବିରୋଧୀ ବିଦେଶୀଙ୍କୁ ଦେଶରୁ ହଟାଇବା ଆଇନ "ସାଧାରଣ ସୁରକ୍ଷା ଆଇନ-୧୯୨୮"କୁ ଲାଗୁ ନ କରିବାରେ ସଫଳ ହୋଇଥିଲେ ।
- ଭାରତ ସରକାର ଆଇନ ୧୯୧୯ ର ଦୁର୍ବଳତାକୁ ପଦାରେ ପକାଇଥିଲା ।

## ବ୍ରିଟିଶ୍ ଶାସନ ବିରୋଧରେ ସ୍ୱରାଜିଷ୍ଟଙ୍କ ନିର୍ବାଚନୀ ଇସ୍ତାହାର

ସ୍ୱରାଜ ପାର୍ଟି ବ୍ରିଟିଶ୍ ସାମ୍ରାଜ୍ୟବାଦୀ ବିରୋଧୀ ଥିଲେ । ସ୍ୱୟଂଚାଳିତ ଶାସନକୁ ମୁଖ୍ୟ ପ୍ରସଙ୍ଗ ବନାଇ ନିର୍ବାଚନ ଇସ୍ତାହାରରେ ସ୍ଥାନ ଦିଆଯାଇଥିଲା । ଯଦି ସ୍ୱୟଂଚାଳିତ ଶାସନ ନ ମିଳେ ତେବେ କାଉନସିଲକୁ ବିରୋଧ କରି ପଙ୍ଗୁ କରିବେ ବୋଲି ଇସ୍ତାହାରରେ ଉଲ୍ଲେଖ ଥିଲା ।



## ନିର୍ବାଚନର ସ୍ୱାଦ ଚାଖିଲେ ୩ କୋଟି ଭୋଟର୍

୧୯୩୭ ନିର୍ବାଚନରେ ମତଦାନ ସବୁ ରେକର୍ଡ ଭାଙ୍ଗି ଦେଇଥିଲା । ପ୍ରଥମ ଥର ପାଇଁ ପରାଧୀନ ଭାରତରେ ୩ କୋଟି ଭୋଟର ନିଜର ମତଦାନ କରିଥିଲେ । ଏଣୁ ଏହା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ । ମାଡ୍ରାସ୍, ସେଣ୍ଟ୍ରାଲ୍ ପ୍ରୋଭିଏନ୍ସ, ବିହାର, ଓଡ଼ିଶା, ୟୁନାଇଟେଡ୍ ପ୍ରୋଭିଏନ୍ସ, ବମ୍ବେ, ଆସାମ, ଏନ୍‌ଡବ୍ଲ୍ୟୁଏଫ୍‌ପି, ବେଙ୍ଗଲ, ପଞ୍ଜାବ ଏବଂ ସିନ୍ଧ୍ ପ୍ରଦେଶରେ ନିର୍ବାଚନ ହୋଇଥିଲା । ୧୧୬୧ ଟି ଆସନରୁ ୭୧୬ ଟି ଆସନରେ କଂଗ୍ରେସ ବିଜୟଲାଭ କରିଥିଲା । ୬ଟି ପ୍ରଦେଶରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ଅନ୍ୟ ୫ ମଧ୍ୟରୁ ବେଙ୍ଗଲ, ଆସାମ ଏବଂ ଏନ୍‌ଡବ୍ଲ୍ୟୁଏଫ୍‌ପିରେ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଥିଲା । ପରବର୍ତ୍ତୀ ସମୟରେ ୮ ଟି ପ୍ରଦେଶରେ ସରକାର ଗଠନ କଲା ।

## ୨୮ ମାସ ପ୍ରେସ୍ ସ୍ୱାଧୀନତା

୧୯୩୭ ନିର୍ବାଚନ ଦ୍ୱାରା ଗଠନ ହୋଇଥିବା କଂଗ୍ରେସର ପ୍ରାଦେଶିକ ସରକାର ମାତ୍ର ୨୮ ମାସ ଚାଲି ପାରିଥିଲା । ଏହି ୨୮ ମାସର କ୍ଷମତା ମଧ୍ୟରେ ପ୍ରେସ୍ ସ୍ୱାଧୀନତା ମିଳିବା ସହ ବ୍ରିଟିଶ୍ ସରକାର ଦ୍ୱାରା ଲଗାଯାଇଥିବା ଅନେକ କଟକଣା ହଟାଇ ଦିଆଯାଇଥିଲା । ଚାଷରେ ସଂସ୍କାର, ବିଭିନ୍ନ ସଂଗଠନ ଉପରୁ ବ୍ୟାନ୍ ହଟାଇ ଦିଆଯାଇଥିଲ । ବହୁ ସଂଖ୍ୟାରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା । ହେଲେ ଏହି ସରକାର ମାତ୍ର ୨୮ ମାସ ଚାଲି ପାରିଥିଲା । ଭାରତୀୟଙ୍କୁ ନ ପଚାରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଭାରତର ଭାଗୀଦାରିତା ଘୋଷଣାକୁ ବିରୋଧ କରି ପ୍ରାଦେଶିକ କଂଗ୍ରେସ ସରକାରଗୁଡ଼ିକ ଇସ୍ତଫା ଦେଇଥିଲେ ।

## ବିଦେଶୀ ବାବୁଙ୍କୁ ଧୋତିପିନ୍ଧା ଭାରତୀୟଙ୍କ ତାଗିଦ୍

ନିର୍ବାଚନ ଜିତି ସରକାର ଗଠନ କରିବା ପରେ ଧଳା ଟୋପିରେ ଥିବା ଧୋତିପିନ୍ଧା ଭାରତୀୟଙ୍କ ଠାଣି କିଛି ଅଲଗା ଥିଲା । ମନ୍ତ୍ରୀମାନେ ବିଭିନ୍ନ କାର୍ଯ୍ୟାଳୟକୁ ଭ୍ରମଣରେ ଯାଉଥିଲେ । ବିଦେଶୀ ପ୍ରଶାସନିକ ଅଧିକାରୀଙ୍କ ଭୁଲକୁ ନେଇ ତାଗିଦ୍ କରୁଥିଲେ । ହେଲେ ପ୍ରଥମ ଥର ପାଇଁ ଅତ୍ୟାଚାରୀ ବ୍ରିଟିଶ୍ ଅଧିକାରୀଙ୍କୁ କିଛି କହି ପାରୁ ନ ଥିଲେ । ଅଧିକାରୀଙ୍କ ଅହଂକାର ଭାଙ୍ଗିବା ଦେଖି ପ୍ରତ୍ୟେକ ଭାରତୀୟ ନିଜକୁ ସ୍ୱାଧୀନ ମନେକରୁଥିଲେ ।

## ଶେଷ ନିର୍ବାଚନ ଆଣିଲା ସ୍ୱାଧୀନତା ଆଉ ବିଭାଜନ

୧୯୪୫-୪୬ରେ ପରାଧୀନ ଭାରତର ଶେଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ୯୧ ପ୍ରତିଶତ ଅଣ ମୁସଲିମ ଭୋଟ୍ ଅକ୍ତିଆର କରିଥିଲା । ସେଣ୍ଟ୍ରାଲ୍ ଆସେମ୍ବଲିର ୧୦୨ ଟି ଆସନ ମଧ୍ୟରୁ ୫୭ଟିରେ ବିଜୟ ହାସଲ କରିଥିଲା । ସେହିପରି ମୁସଲିମ୍ ଲିଗ୍ ୮୬.୬ ପ୍ରତିଶତ ମୁସଲିମ୍ ଭୋଟ ହାସଲ କରିଥିଲା । ୩୦ ସଂରକ୍ଷିତ ଆସନରେ ଲିଗ୍ ବିଜୟ ହାସଲ କରିଥିଲା । ଉକ୍ତ ନିର୍ବାଚନର ଫଳାଫଳ ଦେଶର ସ୍ୱାଧୀନତା ସ୍ଥାପନା ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ । ଯାହା ପରେ ପୂର୍ଣ୍ଣାଙ୍ଗ ରୂପ ନେଲା । ଏହି ଫଳାଫଳ ଆଧାରରେ ଅନ୍ତରୀଣ ସରକାର ମଧ୍ୟ ଗଠନ ହୋଇଥିଲା । ହେଲେ ବ୍ରିଟିଶ୍ ନିଜ ଶାସନ ଜାରିରଖିବାକୁ ଦେଶରେ ଯେଉଁ ବିଷମଞ୍ଜି ବୁଣିଥିଲେ, ତାହାର ପରିଣାମ ରକ୍ତାକ୍ତ ବିଭାଜନରେ ସମାପ୍ତି ଘଟିଥିଲା ।







# ୪୮୯ ଆସନ ପାଇଁ ହୋଇଥିଲା ମତଦାନ

ପ୍ରଜ୍ଞା ପାରମିତା

ସ୍ୱାଧୀନୋତ୍ତର ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନେତୃତ୍ୱରେ ଗଠନ ହୋଇଥିଲା ଏକ ଅନ୍ତରୀଣ ସରକାର । ୧୯୫୦ ଜାନୁଆରୀ ୨୬ରେ ଭାରତର ସମ୍ବିଧାନ ପ୍ରଣୟନ ହେଲା । ୧୯୫୧ ଅକ୍ଟୋବର ୨୫ରୁ ୧୯୫୨ ଫେବୃଆରୀ ୨୧ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଚାରିମାସ ଧରି ୬୮ ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା ଭାରତର ପ୍ରଥମ ସାଧାରଣ ନିର୍ବାଚନ । ସଂସଦର ୪୮୯ ଆସନ ପାଇଁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ ୫୩ ରାଜନୈତିକ ଦଳର ୧୮୭୪ ପ୍ରାର୍ଥୀ । ୫୩ଟି ରାଜନୈତିକ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ଦେଶର ଜନସଂଖ୍ୟା ୩୬ କୋଟି ଥିବାବେଳେ ନିରକ୍ଷରତା ହାର ଥିଲା ୮୫%ରୁ ଅଧିକ । ସେତେବେଳେ ରାସ୍ତାଘାଟ ଗମନାଗମନର ମଧ୍ୟ ଏତେଟା ସୁବିଧା ନ ଥିଲା । ଏପରରି ସ୍ଥିତିରେ ନିର୍ବାଚନ କରାଇବା ଏକ ବଡ଼ ଆହ୍ୱାନ ଥିଲା । ବ୍ରିଟିଶ୍ ଶାସନରୁ ମୁକ୍ତି ପାଇ ଭାରତ କିପରି ଗଣତନ୍ତ୍ର ପ୍ରତିଷ୍ଠା କରିବା ପାଇଁ ସାଧାରଣ ନିର୍ବାଚନ କରାଇବ ଏହାରି ଉପରେ ସାରା ବିଶ୍ୱର ବି ନଜର ଥିଲା । ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତୀୟ ସମ୍ବିଧାନର ନୀତିନିୟମ ଓ ବିଧିବ୍ୟବସ୍ଥା ସତ୍ତ୍ୱେ ସାଧାରଣ ନିର୍ବାଚନ ସଫଳତାର ସହ ସମାପନ ହୋଇଥିଲା । ଭାରତର ପ୍ରଥମ ନିର୍ବାଚନ କମିଶନର ଭାବେ ସୁକୁମାର ସେନ୍ ନିଯୁକ୍ତ ହୋଇଥିଲେ ଓ ସେହି ସମୟରେ ମତଦାନ ପାଇଁ ବୟସସୀମା ୨୧ ବର୍ଷ ଥିଲା । ପ୍ରଥମ ଥର ପାଇଁ ଲୋକସଭା ନିର୍ବାଚନରେ କଂଗ୍ରେସ ସର୍ବବୃହତ୍ ରାଜନୈତିକ ଦଳ ଭାବରେ ଉଭା ହୋଇଥିଲା । କଂଗ୍ରେସ ୩୬୪ ଆସନରେ ଜୟଯୁକ୍ତ ହୋଇ ସରକାର ଗଠନ ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିଲା । ଅନ୍ୟ ରାଜନୈତିକ ଦଳମାନଙ୍କର ମଧ୍ୟରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ୧୬ ଆସନ ପାଇ ଦ୍ୱିତୀୟରେ ରହିଥିଲା । ସେହିଭଳି ସୋସାଲିଷ୍ଟ ପାର୍ଟି ୧୨, କିସାନ୍ ମଜଦୁର ପାର୍ଟି ୯, ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ ୭, ଅଲ ଇଣ୍ଡିଆ ଗଣତନ୍ତ୍ର ପରିଷଦ ୬, ଶିରୋମଣି ଅକାଳୀ ଦଳ, ହିନ୍ଦୁ ମହାସଭା, ଟିଏନ୍‌ଟିପି ୪ଟି ଲେଖାଏଁ ଆସନ ଜିତିଥିଲେ । ପ୍ରଥମ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ୧୭ ଅପ୍ରେଲ୍ ୧୯୫୨ରେ ଭାରତର ପ୍ରଥମ ଲୋକସଭା ଗଠନ କରାଯାଇଥିଲା । ପଣ୍ଡିତ ନେହରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ ।

## ୧୭.୩୨ କୋଟି ଭୋଟର୍, ୮୫% ନିରକ୍ଷର

ଦେଶରେ ଅନୁଷ୍ଠିତ ପ୍ରଥମ ଲୋକସଭା ନିର୍ବାଚନ ଆନୁଷ୍ଠାନିକ ଭାବରେ ୧୯୫୧ ମସିହାରେ ଆରମ୍ଭ ହୋଇଥିଲା । ୧୯୫୨ ମସିହାରେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିଲା । ସେତେବେଳେ ଭୋଟରଙ୍କ ସଂଖ୍ୟା ୧୭.୩୨ କୋଟି ଥିଲା । ସେଥିମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ନିରକ୍ଷର ଥିଲେ । ମତଦାନ ପାଇଁ ସେତେବେଳେ ୨.୨୪ ଲକ୍ଷ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା । ସେହି ସମୟରେ, ଭୋଟର ହେବା ପାଇଁ ୨୧ ବର୍ଷ ବୟସ ବାଧ୍ୟତାମୂଳକ ଥିଲା, ଯାହାକୁ ବର୍ତ୍ତମାନ ୧୮ ବର୍ଷକୁ ଖସାଇ ଦିଆଯାଇଛି । ଲୋକସଭା ଆସନ ହିସାବରେ ଉତ୍ତର ପ୍ରଦେଶ ସବୁଠୁ ବଡ଼ ରାଜ୍ୟ ଥିଲା । ସେତେବେଳେ ଲୋକସଭା ପାଇଁ ଉତ୍ତରପ୍ରଦେଶର ୮୧ଟି ଆସନ ରହିଥିଲା । ଏହାପରେ ଅବିଭାଜିତ ମାଡ୍ରାସ ପ୍ରଦେଶରେ ୭୫ଟି ଓ ବିହାରରୁ ୫୫ଟି ଆସନ ରହିଥିଲା ।



## ପରାଜିତ ହୋଇଥିଲେ ମୋରାରଜୀ, ଆମ୍ବେଦକର



ପ୍ରଥମ ସାଧାରଣ ନିର୍ବାଚନରେ ଅନେକ ଆଗଧାଡ଼ିର ନେତା ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ । ତେବେ ମତଦାନର ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇ ଦେଇଥିଲା । ୪୫ ପ୍ରତିଶତରୁ ଅଧିକ ଭୋଟ୍ ପାଇ କଂଗ୍ରେସ ସ୍ପଷ୍ଟ ବହୁମତ ହାସଲ କରିଥିଲା । ଜବାହାରଲାଲ ନେହରୁ, ଗୁଲଜାରିଲାଲ୍ ନନ୍ଦା, ସୁଚେତା କୃପାଳିନୀ, ଲାଲ୍ ବାହାଦୁର ଶାସ୍ତ୍ରୀ,ଶ୍ୟାମା ପ୍ରସାଦ ମୁଖାର୍ଜୀ ଆଦି ଆଗଧାଡ଼ିର ନେତାମାନେ ଏଥିରେ ବିଜୟ ଲାଭ କରିଥିଲେ । କିନ୍ତୁ ମୋରାରଜୀ ଦେଶାଇ, ଜୟ ନାରାୟଣ ବ୍ୟାସ୍‌ଙ୍କ ପରି ବରିଷ୍ଠ କଂଗ୍ରେସ ନେତାମାନେ ନିର୍ବାଚନରେ ହାରିଯାଇଥିଲେ । ଏହି ନିର୍ବାଚନରେ ବାବାସାହେବ ଆମ୍ବେଦକରଙ୍କୁ ମଧ୍ୟ ପରାଜୟର ସାମ୍ନା କରି ବା କୁ ପଡ଼ିଥିଲା । ପ୍ରାୟ ୮୫ ପ୍ରତିଶତ ନିରକ୍ଷର ଭୋଟରଙ୍କ ଦେଶରେ ଏହି ଘଟଣା ଘଟିବା ପରେ ସାରା ବିଶ୍ୱ ଚକିତ ହୋଇଯାଇଥିଲା ।



## ପ୍ରଥମ ନିର୍ବାଚନର ତିନି ନେତା ପରେ ପ୍ରଧାନମନ୍ତ୍ରୀ ହୋଇଥିଲେ

ଦେଶର ପ୍ରଥମ ନିର୍ବାଚନରେ କଂଗ୍ରେସକୁ ବହୁମତ ମିଳିବା ପରେ ପଣ୍ଡିତ ନେହରୁ ପ୍ରଧାନମନ୍ତ୍ରୀ ହୋଇଥିଲେ । ନେହରୁଙ୍କୁ ଛାଡ଼ି ଆଉ ଦୁଇଜଣ ନେତା ପରବର୍ତ୍ତୀ ସମୟରେ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ସେମାନେ ହେଲେ ଗୁଲଜାରି ଲାଲ୍ ନନ୍ଦା ଓ ଲାଲ ବାହାଦୁର ଶାସ୍ତ୍ରୀ ।






## ପ୍ରଥମ ନିର୍ବାଚନ କମିଶନର୍ ଥିଲେ ସୁକୁମାର ସେନ୍



କଲିକତାର ପ୍ରେସିଡେନ୍ସି କଲେଜ ଓ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରିଥିବା ସୁକୁମାର ସେନ୍‌ଙ୍କୁ ଦେଶର ପ୍ରଥମ ନିର୍ବାଚନ କମିଶନର୍ ଭାବେ ନିଯୁକ୍ତି ପାଇଥିଲେ । ଭୋଟର୍‌ଙ୍କ ତାଲିକା ପ୍ରସ୍ତୁତି, ରାଜନୈତିକ ଦଳମାନଙ୍କର ନିର୍ବାଚନ ଚିହ୍ନ ନିର୍ଦ୍ଧାରଣ,ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ଭୋଟ ବାକ୍ସକୁ ସୁରକ୍ଷିତ ଭାବେ ପହଞ୍ଚାଇବା ତଥା ଏକ ସ୍ୱଚ୍ଛ ନିର୍ମଳ ନିର୍ବାଚନ କରିବାର ମଙ୍ଗ ଧରିଥିଲେ ସୁକୁମାର । ସବୁଠୁ ବଡ଼ କଥା ହେଲା, ନିର୍ବାଚନ ପାଇଁ ଭାରତ ପାଖରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଭାବ ଓ ତାଙ୍କର ନିର୍ବାଚନ ସମ୍ପର୍କରେ କୌଣସି ଅଭିଜ୍ଞତା ନ ଥିବା ସତ୍ତ୍ୱେ ବି ସେ ଯେପରି ଭାବେ ଦେଶର ପ୍ରଥମ ସାଧାରଣ ନିର୍ବାଚନକୁ ସୁପରିଚାଳନା କରିଥିଲେ, ଏହାର ଶ୍ରେୟ ଦେଶବାସୀ ତାଙ୍କୁ ଦେଇଥିଲେ । ସୁକୁମାର ସରକାରୀ ଅର୍ଥର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଥମ ଲୋକସଭା ନିର୍ବାଚନ ସମୟରେ ଯେତେସମ୍ଭବ ସେ ବାଲାଟ୍ ବକ୍ସକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରିଥିଲେ । ଯଦ୍ୱାରା ଏହା ପରବର୍ତ୍ତୀ ନିର୍ବାଚନରେ ବ୍ୟବହାର କରାଯାଇ ପାରିବ । ସୁକୁମାରଙ୍କ ଏପରି ଉଦ୍ୟମ ଯୋଗୁ ପରବର୍ତ୍ତୀ ନିର୍ବାଚନରେ ସାଢ଼େ ଚାରି କୋଟି ସରକାରୀ ଅର୍ଥ ଖର୍ଚ୍ଚ ହେବାରୁ ରୋକାଯାଇ ପାରିଥିଲା । ସ୍ୱାଧୀନ ଭାରତର ପ୍ରଥମ ଲୋକସଭା ନିର୍ବାଚନର ସଫଳତା ପରେ ସୁଦାନ ଭାରତୀୟ ନିର୍ବାଚନ ମଡେଲକୁ ଆପଣାଇଥିବା କଥା କୁହାଯାଏ । ସୁକୁମାରଙ୍କ ତତ୍ତ୍ୱାବଧାନରେ ୧୯୫୩ରେ ସୁଦାନରେ ନିର୍ବାଚନ କରାଯାଇଥିଲା । ସୁକୁମାରଙ୍କ କାର୍ଯ୍ୟକାଳ ୧୯୫୦ରୁ ୧୯୫୮ ପର୍ଯ୍ୟନ୍ତ ଥିଲା ।




## ଅମୁକଙ୍କ ମା', ସମୁକଙ୍କ ପତ୍ନୀ

ଜଣାଶୁଣା ଐତିହାସିକ ରାମଚନ୍ଦ୍ର ଗୁହା ତାଙ୍କ ପୁସ୍ତକ 'ଇଣ୍ଡିଆ ଆଫ୍ଟର ଗାନ୍ଧୀ' ପୁସ୍ତକରେ ଦେଶର ପ୍ରଥମ ନିର୍ବାଚନରେ ଏକ ଅଦ୍ଭୁତ ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି। ସ୍ୱାଧୀନ ଭାରତର ପ୍ରଥମ ନିର୍ବାଚନ ସମୟରେ ଭାରତର ଅଧିକାଂଶ ମହିଳା ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ କୁଣ୍ଠାବୋଧ ପ୍ରକାଶ କରୁଥିଲେ। ଏହା ବଦଳରେ ସେମାନେ 'ଅମୁକଙ୍କ ମା', 'ସମୂକଙ୍କ ପତ୍ନୀ' ବୋଲି ଉଲ୍ଲେଖ କରିଥିଲେ। ଏଥିଯୋଗୁ ଭୋଟର ତାଲିକାରୁ ପାଖାପାଖି ୨୮ ଲକ୍ଷ ମହିଳାଙ୍କ ନାମ ବାଦ୍ ଦିଆଯାଇଥିଲା। ଏହାକୁ ନେଇ ହୋହାଲ୍ଲା ହେବାରୁ ସେତେବେଳର ନିର୍ବାଚନ କମିସନର୍ ସୁକୁମାର ସେନ୍ ଏହାକୁ ଏକ ଭଲ ସଙ୍କେତ ବୋଲି ଭାବିଲେ। ଏହାର ଫଳସ୍ୱରୂପ ଏହାର ପରବର୍ତ୍ତୀ ନିର୍ବାଚନରେ ମହିଳାମାନେ ଭୋଟର୍ ତାଲିକାରେ ସେମାନଙ୍କ ନାଁ ସାମିଲ କରିଥିଲେ।






## ଗୋରୁଗାଇଙ୍କ ପିଠିରେ ନିର୍ବାଚନୀ ସ୍ଲୋଗାନ

ବିଶ୍ୱର ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବାସୀ ଚଳିତ ଥର ଅଷ୍ଟାଦଶ ଲୋକସଭା ନିର୍ବାଚନରେ ନିଜ ମତ ସାବ୍ୟସ୍ତ କରିବେ। ଦେଶର ଚାରିଆଡ଼େ ନିର୍ବାଚନୀ ମାହୋଲ ଆରମ୍ଭ ହୋଇ ସାରିଥିବା ବେଳେ ନେତାମାନେ ବି ସଭାସମିତି, ପ୍ରଚାର ଆରମ୍ଭ କରିଦେଲେଣି। ବିଗତ କିଛି ବର୍ଷ ହେଲାଣି ରାଜନୈତିକ ଦଳଗୁଡ଼ିକ କ୍ୟାମ୍ପେନିଂ ନିମନ୍ତେ ସାମାଜିକ ଗଣମାଧ୍ୟମକୁ ପ୍ରାଥମିକତା ଦେଉଛନ୍ତି। ହେଲେ ଦେଶର ପ୍ରଥମ ନିର୍ବାଚନର ଦୃଶ୍ୟପଟ ପୂରାପୂରି ଅଲଗାଥିଲା। ୧୯୫୨ ନିର୍ବାଚନରେ ନେତାମାନେ ସଭାକରି କିମ୍ବା ଘର ଘର ବୁଲି ପ୍ରଚାର କାର୍ଯ୍ୟ କରିଥିଲେ। ବ୍ରିଟିଶ୍ ବିଶ୍ଳେଷକ ଲର୍ଡ ବର୍ଡଉଡ୍ ତାଙ୍କ ପ୍ରବନ୍ଧ 'ଏ କଣ୍ଟିନେଣ୍ଟ ଡିସାଇଡସ୍‌ରେ ଲେଖିଛନ୍ତି, 'ଦିଲ୍ଲୀର କାନ୍ଥବାଡ଼ ରାସ୍ତା ଏବଂ ଏପରିକି ପ୍ରତିମୂର୍ତ୍ତିରେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନୀ ସ୍ଲୋଗାନ ଲେଖାଯାଇଥିଲା । ଏପରିକି କେତେକ ସ୍ଥାନରେ ଗାଇଗୋରୁଙ୍କ ପିଠିରେ ମଧ୍ୟ ସ୍ଲୋଗାନ ଲେଖାଯାଇଥିଲା। ଲାଉଡସ୍ପିକରରୁ ନିର୍ବାଚନୀ ପ୍ରଚାରର ଶବ୍ଦ ଏତେ ତୀବ୍ର ଥିଲା ଯେ ଲୋକମାନେ ଏହାକୁ ନେଇ ମଧ୍ୟ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

# କଂଗ୍ରେସର ତାରକା ପ୍ରଚାରକ ନେହରୁ





## ନଅ ସପ୍ତାହରେ ୩୦୦ ସମାବେଶ

ଦେଶର ପ୍ରଥମ ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଜବାହାରଲାଲ ନେହରୁ ଷ୍ଟାର୍ ପ୍ରଚାରକ ଥିଲେ। ଏହି ସମୟରେ ବିରୋଧୀ ଦଳଗୁଡ଼ିକର ଟାର୍ଗେଟ୍‌ରେ ନେହରୁ ଓ କଂଗ୍ରେସ୍ ପାର୍ଟି ଥିଲା। ଶରଣାର୍ଥୀ ସମସ୍ୟା, କାଶ୍ମୀର ସମସ୍ୟା ଆଦି ଅନେକ ସମସ୍ୟା ସତ୍ତ୍ୱେ ନେହରୁ ନିର୍ବାଚନ ପ୍ରଚାର ମୈଦାନକୁ ଓହ୍ଲାଇବା ପାଇଁ ସ୍ଥିର କରିଥିଲେ। ଏହି ନିର୍ବାଚନରେ ନେହରୁ ଏକମାତ୍ର ନେତା ଯିଏ ପ୍ରାୟ ୪୦ ହଜାର କିଲୋମିଟର ଯାତ୍ରା କରିଥିଲେ। ସେ ଏହି ନିର୍ବାଚନ ପ୍ରଚାର ଅଭିଯାନ ପାଇଁ ବିମାନ, ଟ୍ରେନ୍ ଏବଂ ଏପରିକି କାର୍ ଯୋଗେ ଯାତ୍ରା କରିଥିଲେ। ଡଙ୍ଗାରେ ନଦୀ ପାର୍ ହେବା ପରେ ସେ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିଥିଲେ। ସେ ୩୦୦ରୁ ଅଧିକ ସମାବେଶରେ ଯୋଗ ଦେଇଥିଲେ। ଫଳାଫଳ ଆସିବା ପରେ କଂଗ୍ରେସ ସର୍ବ ବୃହତ୍ ତଥା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଦଳ ଭାବରେ ଉଭା ହେଲା। ସେହି ନିର୍ବାଚନରେ ଅନ୍ୟ କୌଣସି ନେତା ଏତେ ରାଲି କରି ନ ଥିଲେ କିମ୍ବା ଏତେ ଲମ୍ବା ଯାତ୍ରା କରିନଥିଲେ। ନେହରୁ ସେପ୍ଟେମ୍ବର ୩୦ରୁ ୧୯୫୨ରେ ନିର୍ବାଚନ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ। ନଅ ମାସ ମଧ୍ୟରେ ସେ ଦେଶର କୋଣ ଅନୁକୋଣରେ ପହଞ୍ଚିବାରେ ସଫଳ ହୋଇଥିଲେ। ନେହରୁ ତାଙ୍କର ପ୍ରଥମ ନିର୍ବାଚନୀ ଭାଷଣ ପଞ୍ଜାବର ଲୁଧିଆନାରୁ ଆରମ୍ଭ କରିଥିଲେ। ତାଙ୍କ ନିର୍ବାଚନୀ ଭାଷଣରେ ସେ ସାଂପ୍ରଦାୟିକତାକୁ ପ୍ରସଙ୍ଗ କରିଥିଲେ। ସେତେବେଳେ କଂଗ୍ରେସ ଟିକେଟର ଚାହିଦା ବହୁତ ଅଧିକ ଥିଲା। କଂଗ୍ରେସ୍ ବିଦ୍ୟୁତ୍‌ଖୁଣ୍ଟକୁ ବି ପ୍ରାର୍ଥୀ କରିଦେଲେ ତାହା ଜିତିଯିବ ବୋଲି ଲୋକଙ୍କ ମଧ୍ୟରେ ଧାରଣା ଥିଲା। ବିରୋଧୀ ଦଳଗୁଡ଼ିକ ପାଖରେ ଯଦିଓ ସେ ତେବେଳେ ବେଶ୍ ଟାଣୁଆ ନେତା ଥିଲେ, କିନ୍ତୁ ଦୃଢ଼ ସଂଗଠନ, କାର୍ଯ୍ୟକର୍ତ୍ତା ଅଭାବରୁ ଏପରି ଏକ ବଡ଼ ଧରଣର ପ୍ରଚାର ଅଭିଯାନ ଚଳାଇବା ପାଇଁ ସକ୍ଷମ ନ ଥିଲେ। ସବୁଠୁ ବଡ଼ କଥା ହେଉଛି, ସେତେବେଳେ ଗଣମାଧ୍ୟମ ଏତେ ସକ୍ରିୟ ନଥିଲା ଯେ, ତାହା ମାଧ୍ୟମରେ ନେତାଙ୍କ କଥା ଜନତାଙ୍କ ପାଖରେ ପହଞ୍ଚାଯାଇ ପାରିବ। ତଥାପି ରାଜନୈତିକ ଦଳଗୁଡ଼ିକ ସ୍ୱାଧୀନ ଭାରତର ପୁନର୍ନିର୍ମାଣ, ନାଗରିକଙ୍କ ଅଧିକାର, ଅର୍ଥ ବ୍ୟବସ୍ଥା ଆଦି ପ୍ରସଙ୍ଗଗୁଡ଼ିକ ଲୋକଙ୍କ ପାଖରେ ରଖି ନିର୍ବାଚନ ବୈତରଣୀ ପାର୍ ହୋଇଥିଲେ।

### ନେହରୁଙ୍କ ନିର୍ବାଚନ ପ୍ରଚାର ଅଭିଯାନ



- ୩୦ ସେପ୍ଟେମ୍ବର, ୧୯୫୧ ଲୁଧିଆନାରେ ପ୍ରଥମ ର୍ୟାଲି
- ୯ ସପ୍ତାହ କରିଥିଲେ ନିର୍ବାଚନ ପ୍ରଚାର
- ୩୦୦ରୁ ଅଧିକ ର୍ୟାଲି
- ଉଡ଼ାଜାହାଜରେ ୧୮,୦୦୦ ମାଇଲ୍
- କାର୍‌ରେ ୫,୨୦୦ ମାଇଲ୍
- ରେଳଗାଡ଼ିରେ ୧୬୦୦ ମାଇଲ୍
- ନୌକାରେ ୯୦ ମାଇଲ୍

## ନେହରୁଙ୍କ ସଭାରେ ଜନ୍ମ ନେଇଥିଲା ଶିଶୁ

ଏହି କୌତୂହଳପୂର୍ଣ୍ଣ ଘଟଣାଟି ଖଡ଼ଗପୁରର ନେହରୁଙ୍କ ନିର୍ବାଚନୀ ପ୍ରଚାର ସମୟର ଘଟଣା। ନେହରୁଙ୍କୁ ପାଖରୁ ଦେଖିବାକୁ ଏହି ସଭାରେ ପ୍ରବଳ ଜନସମାଗମ ହୋଇଥିଲା। ସଭାରେ ଜଣେ ତେଲୁଗୁ ମହିଳା ଯୋଗ ଦେଇଥିଲେ ଯିଏ କି ଗର୍ଭବତୀ ଥିଲେ। ନେହରୁଙ୍କ ଭାଷଣ ଚାଲିଥିବା ସମୟରେ ମହିଳାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଯାଇଥିଲା। ଏହାପରେ ଲୋକେ ମହିଳାଙ୍କୁ ଘେରି ଯାଇଥିଲେ। ମହିଳା ଜଣକ ଏକ ଶିଶୁକୁ ସେହି ସଭାରେ ଜନ୍ମ ଦେଇଥିଲେ। ସେହି ସମୟରେ ନେହରୁଙ୍କ ଝଲକ ପାଇବା ପାଇଁ ଜନତା ଏତେମାତ୍ରାରେ ଉତ୍ସାହିତ ଥିଲେ ଯେ, ସେ ଯେଉଁଠିକି ପ୍ରଚାର ପାଇଁ ଯାଉଥିଲେ ସେତେବେଳେ ପ୍ରାୟତଃ ସ୍କୁଲ କଲେଜଗୁଡ଼ିକ ବନ୍ଦ କରି ଦିଆଯାଉଥିଲା।

## ବିଦେଶରୁ ହୋଇଥିଲା କମ୍ୟୁନିଷ୍ଟ ପାର୍ଟିର ପ୍ରଚାର

୧୯୪୭ରେ ସ୍ୱାଧୀନତା ଲାଭ ପରେ ୧୯୫୦ ମସିହାରେ ଭାରତ ଏକ ଗଣତାନ୍ତ୍ରିକ ସାର୍ବଭୌମ ରାଷ୍ଟ୍ରରେ ପରିଣତ ହୋଇଥିଲା । ଦେଶରେ ପ୍ରଥମ ଥର ପାଇଁ ୧୯୫୨ରେ ସାଧାରଣ ନିର୍ବାଚନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ସମୟ ଭିନ୍ନ ଥିଲା । ପ୍ରଚାର ପଦ୍ଧତି ମଧ୍ୟ ଭିନ୍ନ ଥିଲା। ରାଜନୈତିକ ଦଳମାନଙ୍କ ପାଖରେ ଅଧିକ ଅର୍ଥ ନଥିଲା, ତେଣୁ କଂଗ୍ରେସ ସମେତ ସବୁ ରାଜନୈତିକ ଦଳ ଖୁବ୍ ସୀମିତ ଢଙ୍ଗରେ ପ୍ରଚାର କରୁଥିଲେ । ଏଭଳି ପରିସ୍ଥିତିରେ ଏମିତି ଗୋଟିଏ ଦଳ ଥିଲା ଯାହାର ନିର୍ବାଚନ ପ୍ରଚାର ଭାରତରୁ ନୁହେଁ ବରଂ ବିଦେଶୀ ରେଡିଓ ଷ୍ଟେସନରୁ ହୋଇଥିଲା । ୧୯୨୫ ମସିହାରେ ଭାରତରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ(ସିପିଆଇ) ଗଠନ ହୋଇଥିଲାୟ। ଏହି ଦଳ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ପ୍ରଥମ ସାଧାରଣ ନିର୍ବାଚନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଯେତେବେଳେ ମଇଦାନକୁ ଓହ୍ଲାଇଥିଲା, ସେତେବେଳେ ସୋଭିଏତ ସଂଘର ତତ୍କାଳୀନ ମୁଖ୍ୟ ଷ୍ଟାଲିନ୍ ଏହି ନିର୍ବାଚନରେ ଆଗ୍ରହୀ ଥିଲେ । ଭାରତୀୟ କମ୍ୟୁନିଷ୍ଟ ପାର୍ଟିକୁ ସାହାଯ୍ୟ କରିବା ପାଇଁ ସିପିଆଇର ନିର୍ବାଚନ ଅଭିଯାନ ଆରମ୍ଭ କରିବାକୁ ସେ ମସ୍କୋ ରେଡିଓକୁ ନିର୍ଦ୍ଦେଶ ଦେଇଥିଲେ। ମସ୍କୋ ରେଡିଓ ଅକ୍ଟୋବର ୧୯୫୧ରୁ ଫେବୃଆରୀ ୧୯୫୨ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସପକ୍ଷରେ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲା। ସେତେବେଳେ ନିର୍ବାଚନ ସାଢ଼ େଚାରି ମାସ ଧରି ଚାଲିଥିଲା। ମସ୍କୋ ରେଡିଓ ଦ୍ୱାରା ପ୍ରସାରଣ କରାଯାଇଥିଲା ଏବଂ ତାସ୍‌କେଣ୍ଟର ଶକ୍ତିଶାଳୀ ଟ୍ରାନ୍ସମିଟରରୁ ଏହା ଭାରତକୁ ପ୍ରସାରିତ ହୋଇଥିଲା । ପ୍ରଥମ ସାଧାରଣ ନିର୍ବାଚନରେ ମସ୍କୋ ରେଡିଓରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିକୁ କିପରି ପବ୍ଲିସିଟି ଦିଆଯାଇଥିଲା, ବିବିସି ମଧ୍ୟ ତାହାର ଏକ ରିପୋର୍ଟରେ ଦର୍ଶାଇଛି।



## ମତଦାନ ପୂର୍ବରୁ ହୋଇଥିଲା ମତଦାନ ଅଭ୍ୟାସ

ଭାରତର ପ୍ରଥମ ନିର୍ବାଚନକୁ ସଫଳ କରିବା ପାଇଁ ଅନେକ ଲୋକଙ୍କର ଅବଦାନ ରହିଥିଲା। ଏହାକୁ ସଫଳ କରିବା ପାଇଁ ଫିଲ୍ମ ଡିଭିଜନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ମତଦାନ ପୂର୍ବରୁ ମକ୍ ଭୋଟିଂ କରାଯାଇ ଏହାର ଭିଡିଓକୁ ଲୋକଙ୍କୁ ଦେଖାଯାଇଥିଲା। ଉଦ୍ଦେଶ୍ୟ ଥିଲା ଏହାଦ୍ୱାରା ଭୋଟର୍‌ମାନେ ମତଦାନ ପ୍ରକ୍ରିୟା ବିଷୟରେ ଅବଗତ ହେବେ।







## ସର୍ବାଧିକ ବ୍ୟବଧାନରେ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ

ସ୍ୱାଧୀନ ଭାରତରେ ୧୯୫୨ରେ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ କଂଗ୍ରେସ ସ୍ପଷ୍ଟ ବହୁମତ ହାସଲ କରି ସରକାର ଗଢ଼ିବା ପାଇଁ ଯୋଗ୍ୟତା ହାସଲ କରିଥିଲା। ତେବେ ପ୍ରଥମ ଲୋକସଭା ନିର୍ବାଚନରେ ସବୁଠୁ ଅଧିକ ଭୋଟରେ ଜିତିଥିବା ସାଂସଦ କଂଗ୍ରେସର କି ସୋସାଲିଷ୍ଟ ପାର୍ଟିର ନ ଥିଲେ। ସେତେବେଳେ ବସ୍ତର ମଧ୍ୟପ୍ରଦେଶ ଅଧୀନରେ ଥିଲା। ବସ୍ତରର ମୁଚକି କୋସା ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ସବୁଠୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧,୪୧, ୩୩୧ ଭୋଟ୍ ବ୍ୟବଧାନରେ ହରାଇଥିଲେ। ସେହିଭଳି ପ୍ରଥମ ଲୋକସଭା ନିର୍ବାଚନରେ ସବୁଠୁ କମ୍ ଭୋଟ ବ୍ୟବଧାନରେ ଜିତିଥିଲେ ପଶ୍ଚିମବଙ୍ଗର ସାଂସଦ ବସନ୍ତ କୁମାର। ସେ କୋନ୍ତାଇ ଆସନରୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ମାତ୍ର ୧୨୭ ଖଣ୍ଡ ଭୋଟ୍ ଅଧିକ ପାଇଥିଲେ।

## ପ୍ରଥମ ନିର୍ବାଚନ ସମ୍ପର୍କିତ କିଛି ରୋଚକ ତଥ୍ୟ

- ପ୍ରଥମ ନିର୍ବାଚନ ସମୟରେ ଲୋକଙ୍କ ଆଙ୍ଗୁଠିରେ କାଳି ଲଗାଯାଉଥିଲା। ଯଦ୍ୱାରା ଲୋକେ ଦ୍ୱିତୀୟ ଥର ଭୋଟ୍ ଦେଇ ପାରିବେ ନାହିଁ।
- ମରୁଭୂମି ଅଞ୍ଚଳଗୁଡ଼ିକରେ ଓଟ ମାଧ୍ୟମରେ ଭୋଟ ବାକ୍ସଗୁଡ଼ିକ ପହଞ୍ଚା ଯାଇଥିଲା।
- ପାହାଡ଼ିଆ ଅଞ୍ଚଳରେ ଏଥିପାଇଁ ଗଧ ଓ ଖଚରଙ୍କୁ ନିୟୋଜିତ କରାଯାଇଥିଲା।
- ମତଦାନ ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଗାଁ ଗହଳିରେ ନାଟକ ମଞ୍ଚସ୍ଥ କରାଯାଉଥିଲା।



## ଏକାଠି ଲୋକସଭା ଓ ବିଧାନସଭା ନିର୍ବାଚନ

ଭାରତ ସ୍ୱାଧୀନତା ଲାଭ ପରେ ୧୯୫୨ ମସିହାରେ ଦେଶର ପ୍ରଥମ ଥର ପାଇଁ ଲୋକସଭା ଓ ବିଧାନସଭା ନିର୍ବାଚନ ଏକାଠି ହୋଇଥିଲା। ଏହାପରେ ୧୯୫୭, ୧୯୬୨ ଓ ୧୯୬୯ ମସିହାରେ ଉଭୟ ନିର୍ବାଚନ ଏକ ସମୟ ହୋଇଥିଲା। ଏହି ସବୁ ନିର୍ବାଚନରେ କଂଗ୍ରେସ ଦଳକୁ ବହୁମତ ମିଳିଥିଲା। କେନ୍ଦ୍ର ଏବଂ ଅଧିକ ରାଜ୍ୟରେ କଂଗ୍ରେସ ନେତୃତ୍ୱରେ ସରକାର ଗଠନ ହୋଇଥିଲା। କାରଣ ସେତେବେଳେ ଦେଶର ଏକମାତ୍ର ମୁଖ୍ୟ ରାଜନୈତିକ ଦଳ ଥିଲା କଂଗ୍ରେସ। ଅନ୍ୟ ଦଳଗୁଡ଼ିକ ପ୍ରାଦେଶିକସ୍ତରରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ତେଣୁ କଂଗ୍ରେସ ନିର୍ବାଚନରେ ଅଧିକ ଲାଭବାନ ହୋଇଥିଲା।

## ବିରୋଧୀ ଦଳ ନେତା ନ ଥିଲେ

ଭାରତର ପ୍ରଥମ ନିର୍ବାଚନ ସମୟରେ ବିଧିବଦ୍ଧ ଭାବେ ବିରୋଧୀ ଦଳର ନେତା କିଏ ନଥିଲେ। ଏହି ପଦ ମାନ୍ୟତା ପ୍ରଦାନ କରାଯାଇଥିଲା ୧୯୬୯ରେ। ଲୋକସଭାର ପ୍ରଥମ ଅଧ୍ୟକ୍ଷ ଥିଲେ ଗଣେଶ ବାସୁଦେବ ମାବଲଙ୍କର। ସେ ଫେବୃଆରୀ ୧୯୫୬ ପର୍ଯ୍ୟନ୍ତ ଲୋକସଭାର ଅଧ୍ୟକ୍ଷ ଥିଲେ। ତେବେ ପ୍ରଥମ ଲୋକସଭା ପାଞ୍ଚବର୍ଷ ଧରି ତା'ର କାର୍ଯ୍ୟକାଳ ପୂର୍ଣ୍ଣ କରିଥିଲା। ୧୯୫୭ ଅପ୍ରେଲ ୪ରେ ଲୋକସଭା ଭଙ୍ଗ କରାଯାଇଥିଲା।



## କେଉଁ କେଉଁ ରାଜ୍ୟରେ ହୋଇଥିଲା ପ୍ରଥମ ସାଧାରଣ ନିର୍ବାଚନ

- ଆସାମ
- ଆଜମେର
- ଭୋପାଳ
- ବିହାର
- ବିଳାସପୁର
- ବମ୍ବେ
- କୁର୍ଗ
- ଦିଲ୍ଲୀ
- ହିମାଚଳ ପ୍ରଦେଶ
- ହାଇଦ୍ରାବାଦ
- କଚ୍ଛ
- ମଧ୍ୟ ଭାରତ
- ମାଡ୍ରାସ
- ମଣିପୁର
- ମହୀଶୂର
- ଓଡ଼ିଶା
- ପଟିଆଲା ଏଣ୍ଡ ଇଷ୍ଟ ପଞ୍ଜାବ ଷ୍ଟେଟ୍‌ସ ୟୁନିଅନ୍
- ପଞ୍ଜାବ
- ରାଜସ୍ଥାନ
- ସୌରାଷ୍ଟ୍ର
- ତ୍ରିପୁରା
- ଉତ୍ତର ପ୍ରଦେଶ
- ବିନ୍ଧ୍ୟ ପ୍ରଦେଶ
- ପଶ୍ଚିମ ବଙ୍ଗ
- ମଧ୍ୟ ପ୍ରଦେଶ
- ଟ୍ରାଭାନ୍‌କୋର୍ କୋଚିନ୍



ଭାରତର ଗଣତନ୍ତ୍ର ସର୍ବବୃହତ୍ । ମତଦାନ ହେଲା ଗଣତନ୍ତ୍ରର ମହାପର୍ବ । ସବୁ ବର୍ଗର ମତଦାତା ଯେପରି ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ନିର୍ବାଚନ କମିଶନର ସେଥିପ୍ରତି ଗୁରୁତ୍ୱ ଦିଅନ୍ତି । ତେବେ ସ୍ୱାଧୀନ ଭାରତର ପ୍ରଥମ ଭୋଟର ହେବାର ଗୌରବ ହାସଲ କରିଥିଲେ ହିମାଚଳ ପ୍ରଦେଶ, କିନ୍ନୌରର ଶ୍ୟାମ ଶରଣ ନେଗି । ଦେଶର ପ୍ରଥମ ଭୋଟ୍ ବାକ୍ସରେ ପଡ଼ିଥିଲା ତାଙ୍କ ଆଙ୍ଗୁଠି ଛାପର ବାଲାଟ୍ । ୧୯୫୧ ପରଠାରୁ ତାଙ୍କ ଅଞ୍ଚଳରେ ଯେତେ ଲୋକସଭା, ବିଧାନସଭା ବା ପଞ୍ଚାୟତ ନିର୍ବାଚନ ହୋଇଛି, ସବୁଥର ସେ ମତଦାନ କରିଛନ୍ତି । ନିର୍ବାଚନ କମିସନ୍ ତାଙ୍କୁ ବ୍ରାଣ୍ଡ ଆମ୍ବାସଡର୍ ରୂପେ ନିଯୁକ୍ତ କରିବା ପରେ ସେ ଅନେକ ସଚେତନତା ଭିଡିଓରେ ଅଭିନୟ ଓ କଣ୍ଠଦାନ କରିଥିଲେ । ୧୦୫ ବର୍ଷ ବୟସରେ ସେ ଶେଷଥର ପାଇଁ ହିମାଚଳ ପ୍ରଦେଶର ବିଧାନସଭା ନିର୍ବାଚନରେ ମତଦାନ କରିଥିଲେ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ । ଜୀବନକାଳ ମଧ୍ୟରେ ୩୪ ଥର ମତଦାନ କରିଥିବା ନେଗି ମତଦାନ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ବୁଝାଇ ଦେଇଥିଲେ ।

# ଶ୍ୟାମ ମାଷ୍ଟ୍ରେରୁ ସ୍ୱାଧୀନ ଭାରତର ପ୍ରଥମ ଭୋଟର୍

ଅଗଷ୍ଟ ୧୫,୧୯୪୭ରେ ଦେଶ ସ୍ୱାଧୀନ ହୋଇଥିଲା । ଇଂରେଜମାନେ ଦେଶ ଛାଡ଼ିବା ପୂର୍ବରୁ କରିଥିଲେ ଅସ୍ଥାୟୀ ସରକାର ବ୍ୟବସ୍ଥା । ସ୍ୱାଧୀନତାର ଦୁଇ ତିନି ବର୍ଷ କଟି ଯାଇଥିଲା ସମ୍ବିଧାନ ଗଠନ ଓ ଅନ୍ୟାନ କାର୍ଯ୍ୟରେ । ୧୯୫୦ରେ ଲାଗୁ ହୋଇଥିଲା ଗଣତନ୍ତ୍ର । ସେହି ସମୟରେ ଆଗକୁ ନିର୍ବାଚନ ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଥିଲା । ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ନିର୍ବାଚନ ଆୟୋଗ ଗଠନ ସହ ଦେଶର ପ୍ରଥମ ନିର୍ବାଚନ କମିଶନର୍ ହୋଇଥିଲେ ସୁକୁମାର ସେନ୍ । ଏହି ସମୟରେ ହିମାଚଳ ପ୍ରଦେଶର ଏକ ଛୋଟ ଗାଁର ଶିକ୍ଷକ ଭାବେ କାର୍ଯ୍ୟରତ ଶ୍ୟାମ ଶରନ୍ ନେଗି ଦେଶର ପ୍ରଥମ ଭୋଟର୍ ଭାବେ ମତଦାନ କରି ଭାରତରେ ନିର୍ବାଚନ ପ୍ରକ୍ରିୟାର ମୂଳଦୁଆ ପକେଇଥିଲେ ।



## ତରବରିଆ ଭାବେ ଦେଇଥିବା ଭୋଟ୍ ଦେଲା ସ୍ୱତନ୍ତ୍ର ପରିଚୟ

ସ୍ୱାଧୀନ ଭାରତର ସମ୍ବିଧାନ ୧୯୫୦ ଜାନୁଆରି ୨୬ରେ ଲାଗୁହେବା ପରେ ଦେଶର ସମସ୍ତ ସାବାଳକ ନାଗରିକଙ୍କୁ ଭୋଟ୍‌ଦାନ ଅଧିକାର ମିଳିଲା । ମତଦାତା ସୂଚୀ ଓ ଅନ୍ୟାନ୍ୟ ବିଧିବ୍ୟବସ୍ଥା ପ୍ରସ୍ତୁତ ହେବାପରେ ସ୍ୱାଧୀନ ଭାରତର ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକ ପାଇଁ ୧୯୫୨ ଜାନୁଆରି-ଫେବ୍ରୁଆରିରେ ପ୍ରଥମ ସାଧାରଣ ନିର୍ବାଚନ ହେବାର ସ୍ଥିର ହେଲା । ମାତ୍ର ସେ ସମୟରେ ପ୍ରଚଣ୍ଡ ଶୀତ ଓ ତୁଷାରପାତ କାରଣରୁ ହିମାଳୟର ବରଫାବୃତ ଅଞ୍ଚଳଗୁଡ଼ିକରେ ନିର୍ବାଚନ କରାଇବା ସମ୍ଭବ ନ ଥିଲା । ଏଣୁ ଏହିସବୁ ଅଞ୍ଚଳ ପାଇଁ ମତଦାନ ତାରିଖକୁ ପ୍ରାୟ ୪ ମାସ ଆଗେଇ ଦେଇ ୧୯୫୧ ଅକ୍ଟୋବର ମାସରେ କରିବା ପାଇଁ ନିଷ୍ପତ୍ତି ହେଲା । ସେହି ହିସାବରେ ହିମାଚଳ ପ୍ରଦେଶର କିନ୍ନୌର ଅଞ୍ଚଳରେ ସର୍ବପ୍ରଥମ ନିର୍ବାଚନ ହୋଇଥିଲା ୧୯୫୧ ମସିହା ଅକ୍ଟୋବର ମାସ ୨୫ ତାରିଖରେ । କଳ୍ପା ଗ୍ରାମର ଶ୍ୟାମ ଶରଣ ନେଗିଙ୍କୁ ସେତେବେଳେ ୩୧ବର୍ଷ ବୟସ ହୋଇଥିଲା । ଶ୍ୟାମ ମାଷ୍ଟ୍ରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହୋଇଥିବାରୁ ତାଙ୍କର ନିର୍ବାଚନ ପରିଚାଳନା ଡ୍ୟୁଟି ପଡ଼ିଥାଏ । କିନ୍ତୁ ସେ ନିଜ ଭୋଟ୍ ଦେଇ ତାପରେ ଡ୍ୟୁଟିରେ ଯୋଗ ଦେବା ପାଇଁ ଭାବିଥିଲେ । ଏହାପରେ ସେ ନିର୍ବାଚନ ଅଧିକାରୀମାନଙ୍କୁ ଅନୁରୋଧ କରି ଭୋଟ୍‌ଦାନର ପ୍ରଥମ ଦିନ ସେ ସକାଳୁ ସକାଳୁ ସର୍ବପ୍ରଥମ ଭୋଟ୍‌ଟି ଦେଇଥିଲେ ସୋନଥଙ୍ଗ୍ ମତଦାନ କେନ୍ଦ୍ରରେ । ସେତେବେଳେ ତରବରିଆ ଭାବେ ସେ ଦେଇଥିବା ଭୋଟ୍‌ଟି ଯେ, ଏତେବଡ଼ ଗଣତନ୍ତ୍ରର ମୂକସାକ୍ଷୀ ହେବାକୁ ଯାଉଛି ଏହା ତାଙ୍କ କଳ୍ପନାର ବାହାରେ ଥିଲା । ଏହାପରେ ସେ ଦେଶର ପ୍ରଥମ ଭୋଟର ଭାବରେ ପରିଚିତ ହେଲେ । ଶ୍ୟାମ ଶରଣ ୧ଜୁଲାଇ ୧୯୧୭ରେ କିନ୍ନୌର ଜିଲ୍ଲା କଳ୍ପାରେ ଜନ୍ମଗ୍ରହଣ କରିଥିଲେ । ନେଗି ନିଜ ଜୀବନକାଳ ମଧ୍ୟରେ ୩୪ ଥର ଭୋଟ ଦେଇଛନ୍ତି । *୨୦୧୦ ମସିହାରେ ଭାରତୀୟ ନିର୍ବାଚନ କମିଶନର ହୀରକ ଜୟନ୍ତୀ ବର୍ଷ ପାଳନ ଅବସରରେ ତତ୍କାଳୀନ ମୁଖ୍ୟ ନିର୍ବାଚନ କମିଶନର ନବୀନ ଚାୱଲା ଶ୍ୟାମମାଷ୍ଟ୍ରେଙ୍କ ଘରକୁ ଆସି ତାଙ୍କୁ ସ୍ୱାଧୀନ ଭାରତର ପ୍ରଥମ ମତଦାତା ହିସାବରେ ସମ୍ମାନିତ କରିଥିଲେ* । ୨୦୨୧ ଲୋକସଭା ନିର୍ବାଚନ ପୂର୍ବରୁ 'ଗୁଗଲ୍ ଇଣ୍ଡିଆ' ତାଙ୍କ ଉପରେ ଏକ ଡକ୍ୟୁମେଣ୍ଟାରି ତିଆରି କରିଥିଲା । ୧୦୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।



## ୫୬ ବର୍ଷ ପରେ ପାଇଥିଲେ ପ୍ରଥମ ଭୋଟର୍‌ର ପରିଚୟ

ସ୍ୱାଧୀନ ଭାରତର ପ୍ରଥମ ନିର୍ବାଚନରେ ଶ୍ୟାମ ଶରଣ ନେଗି ପ୍ରଥମ ଭୋଟର୍ ଭାବେ ଭୋଟ୍ ଦେଇଥିଲେ । କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଦେଶବାସୀଙ୍କ ସହ ଖୋଦ୍ ନେଗି ଏ ବିଷୟରେ ଅବଗତ ନ ଥିଲେ । ତେବେ ନେଗି ଦେଶର ପ୍ରଥମ ଭୋଟର୍ ପରିଚୟ ପାଇବା ଘଟଣା କୌଣସି ଫିଲ୍ମ କାହାଣୀଠାରୁ କମ୍ ନୁହେଁ । ୨୦୦୭ ଜୁଲାଇରେ ହିମାଚଳ ପ୍ରଦେଶର ତତ୍କାଳୀନ ମୁଖ୍ୟ ନିର୍ବାଚନ କମିସନର୍ ମନୀଷା ନନ୍ଦା ଏ ଦିଗରେ ଖୋଜ୍‌ଖବର ଆରମ୍ଭ କରିଥିଲେ । ମନୀଷା ଜାଣିଥିଲେ ଯେ, ସ୍ୱାଧୀନ ଭାରତରେ ପ୍ରଥମେ କିନ୍ନୌରରେ ମତଦାନ ହୋଇଥିଲା । ଏହି ସମୟରେ ସେ ନେଗିଙ୍କ ଫଟୋ ପରିଚୟ ପତ୍ର ପାଇଥିଲେ । ସେତେବେଳକୁ ନେଗିଙ୍କ ବୟସ ୯୦ ବର୍ଷ । ଏହାପରେ ତିନି ଚାରି ମାସ ଧରି ହିମାଚଳରୁ ଦିଲ୍ଲୀ ପର୍ଯ୍ୟନ୍ତ ଫାଇଲ୍‌ଗୁଡ଼ିକର ଯାଞ୍ଚ ହୋଇଥିଲା । ଶେଷରେ ମାଷ୍ଟର୍ ଶ୍ୟାମ ଶରଣ ନେଗି ଦେଶର ପ୍ରଥମ ଭୋଟର୍ ବୋଲି ଜଣାପଡ଼ିଥିଲେ ।

## "ଶେଷ ନିଃଶ୍ୱାସ ଯାଏ ମତଦାନ କରୁଥିବି"

ଶରୀରରେ ପ୍ରାଣ ଥିବା ଯାଏ ମତଦାନ କରିବାକୁ ଜୀବନର ମନ୍ତ୍ର କରି ନେଇଥିଲେ ନେଗି । ଜୀବନର ଶେଷ ନିଃଶ୍ୱାସ ଯାଏ ସେ ତାଙ୍କର ଏହି କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ଯଦିଓ ଜୀବନର ଶେଷ ଭୋଟ ଦେବା ପାଇଁ ସେ ମତଦାନ କେନ୍ଦ୍ରକୁ ଯାଇ ପାରି ନଥିଲେ, କିନ୍ତୁ ସେ ପୂର୍ବ ଭଳି ଆଗ୍ରହ ଓ ଉତ୍ସାହର ସହ ତାଙ୍କର ଶେଷ ଭୋଟ୍ ଦେଇଥିଲେ ।



## ଭିଭିଆଇପି ଭୋଟର୍ ଥିଲେ ନେଗି

ଯେବେଠାରୁ, ନେଗି ଦେଶର ପ୍ରଥମ ଭୋଟର୍ ବୋଲି ଜଣାପଡ଼ିଥିଲା, ସେବେଠାରୁ ସେ ଜଣେ ଭିଭିଆଇପି ଭୋଟର୍ ପାଲଟିଗଲେ । ସେ ଯେଉଁ ମତଦାନ କେନ୍ଦ୍ରକୁ ଯାଉଥିଲେ ମତଦାନ କରିବା ପାଇଁ ତାକୁ ସଜ୍ଜା ଯାଉଥିଲା । ନିର୍ବାଚନ ଅଧିକାରୀ ନିଜେ ଯାଇ ତାଙ୍କୁ ଘରୁ ସସମ୍ମାନେ ଭୋଟ ଦେବା ପାଇଁ ନେଇ କରି ଆସୁଥିଲେ । ସେଠାରେ ତାଙ୍କ ପାଇଁ ରେଡ୍ କାର୍ପେଟ୍ ବିଛା ଯିବା ସହିତ ସ୍ଥାନୀୟ ବାଦ୍ୟଯନ୍ତ୍ରରେ ତାଙ୍କୁ ସ୍ୱାଗତ କରାଯାଉଥିଲା ।



# ଇତିହାସ ପୃଷ୍ଠାରେ ବାଲାଟ୍ ପେପର୍ ଓ ବାକ୍ସ




**ବାଲାଟ୍ ପେପରରୁ ଇଭିଏମ୍ । ବଦଳି ଯାଇଛି ଭୋଟଦାନର ପଦ୍ଧତି । ତେବେ ପ୍ରଥମ ନିର୍ବାଚନ ବେଳେ କେମିତି ଥିଲା ବାଲାଟ୍ ପେପର? କେତେ ସଂଖ୍ୟାରେ ବାଲାଟ୍ ପେପର୍ ମୁଦ୍ରଣ କରାଯାଇଥିଲା? ଏଥିପାଇଁ କେତେ ଟନ୍ ପେପର ଖର୍ଚ୍ଚ ହୋଇଥିଲା? କିଭଳି ଥିଲା ବାଲାଟ୍ ବକ୍ସର ରଙ୍ଗ ଓ ଡିଜାଇନ୍? କେତେ ଟନ୍ ଷ୍ଟିଲ୍ ଲାଗିଥିଲା ବାଲାଟ୍ ବକ୍ସ ତିଆରି ପାଇଁ? ପ୍ରଥମ ନିର୍ବାଚନର ବାଲାଟ୍ ପେପର ଓ ବାଲାଟ୍ ବକ୍ସ ତିଆରିର କିଛି ରୋଚକ ତଥ୍ୟକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରିପୋର୍ଟ ।**

ସ୍ୱାଧୀନ ଭାରତର ପ୍ରଥମ ଲୋକସଭା ନିର୍ବାଚନରେ ନିର୍ବାଚନ ଆୟୋଗ ବାଲାଟ୍ ପେପର ଡିଜାଇନରେ କିଛି ପରିବର୍ତ୍ତନ କରିଥିଲେ । ଯେପରି ଭୋଟରଙ୍କୁ ସୁବିଧା ହେବ ସେଭଳି ଅଲଗା ଅଲଗା ପ୍ରକାର ବାଲାଟ୍ ପେପର ତିଆରି କରିଥିଲେ । ପ୍ରଥମ ସାଧାରଣ ନିର୍ବାଚନରେ ଲୋକସଭା ସହିତ ବିଧାନସଭା ପାଇଁ ଏକାଠି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଲୋକସଭା ନିର୍ବାଚନ ପାଇଁ ବାଲାଟ୍ ପେପରରେ ଈଷତ୍ ସବୁଜ ରଙ୍ଗର ଏକ ଚଉଡ଼ା ସିଧା ଲାଇନ୍ ପ୍ରିଣ୍ଟ କରାଯାଇଥିଲା । ସେହିପରି ବିଧାନସଭା ନିର୍ବାଚନ ପାଇଁ ବାଲାଟ୍ ପେପରରେ ଏହି ଲାଇନ୍‌କୁ ଚକୋଲେଟ୍ ରଙ୍ଗ କରାଯାଇଥିଲା । ଏହି ସବୁ ବାଲାଟ୍ ପେପର ନାସିକର ସିକ୍ୟୁରିଟି ପ୍ରେସ୍‌ରେ ଛପା ଯାଇଥିଲା । ଡିଜାଇନ୍‌ରେ ଯେଭଳି କୌଣସି ପ୍ରକାର ବ୍ୟବଧାନ ନ ରୁହେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ବାଲାଟ୍ ପେପର ପାଇଁ ୱାଟରମାର୍କ ପେପର ବ୍ୟବହାର କରାଯାଇଥିଲା ।



## ୬୦ କୋଟି ବାଲାଟ୍ ପେପର ପାଇଁ ୧୮୦ ଟନ୍ ପେପର

ପ୍ରଥମ ସାଧାରଣ ନିର୍ବାଚନରେ ୮୬ଟି ଆସନରେ ଦୁଇ ଜଣ ସାଂସଦକୁ ନିର୍ବାଚିତ କରାଯାଇଥିଲା । ଏହି ସବୁ ଆସନରେ ଭୋଟର ସାଂସଦଙ୍କ ସଂଖ୍ୟା ଅନୁଯାୟୀ ମତଦାନ କରିଥିଲେ । ସବୁ ବର୍ଗ ପାଇଁ ଅଲଗା ଅଲଗା ବାଲାଟ୍ ପେପର ରହିଥିଲା । ଏହାର କ୍ରମିକ ନମ୍ବର ସମାନ ଥିଲା । ତେବେ ଦ୍ୱିତୀୟ ଆସନ ଓ ତୃତୀୟ ଆସନ ପାଇଁ ବାଲାଟ ପେପର ଉପରେ A ଓ B ପ୍ରିଣ୍ଟ କରାଯାଇଥିଲା । ପ୍ରଥମ ନିର୍ବାଚନ ପାଇଁ ୬୦ କୋଟି ବାଲାଟ୍ ପେପର ବା ମତଦାନପତ୍ର ଛପା ଯାଇଥିଲା । ଏଥିପାଇଁ ୧୮୦ ଟନ୍ ପେପର ବ୍ୟବହାର କରାଯାଇଥିଲା । ବାଲାଟ୍ ପେପର ମୁଦ୍ରଣରେ ପ୍ରାୟ ୧୦ ଲକ୍ଷ ୭୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା ।

## ବାଲାଟ୍ ପେପରକୁ ନେଇ ଗୋଳମାଳ

ଦେଶର ପ୍ରଥମ ନିର୍ବାଚନରେ ବାଲାଟ୍ ପେପରକୁ ନେଇ କେତୋଟି ସ୍ଥାନରେ ଗୋଳମାଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଅଲଗା ଅଲଗା ବାଲାଟ୍ ପେପରରେ ଧୂସର ସବୁଜ ଓ ଚକୋଲେଟ୍ ରଙ୍ଗର ଲାଇନ୍ ତିଆରି କରାଯାଇଥିଲା । ପିଙ୍କ୍ ବ୍ୟାକ୍‌ଗ୍ରାଉଣ୍ଡ ଯୋଗୁଁ କିଛି ସ୍ଥାନରେ ମତଦାତା ଏହାର ଫରକ୍ ଜାଣିପାରି ନଥିଲେ । ବିଶେଷ କରି ଯେଉଁ ପୋଲିଙ୍ଗ୍ ବୁଥ୍‌ରେ ଠିକ୍ ଭାବେ ଆଲୋକ ବ୍ୟବସ୍ଥା କରାଯାଇ ନ ଥିଲା, ସେଠାରେ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା । ଭୋଟର ବାଲାଟ୍ ପେପର ଧରିବା ସମୟରେ ଏପଟସେପଟ ହୋଇଯାଇଥିଲା । ଏଭଳି ୧୨୬୧ଟି ମାମଲା ସାମ୍ନାକୁ ଆସିଥିଲା । ଏହାପରେ ନିର୍ବାଚନ କମିଶନର ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଅଲଗା ଅଲଗା ଡିଜାଇନ୍‌ର ବାଲାଟ୍ ପେପର କରିଥିଲେ ।

## ଭୋଟର ସଚେତନତା ପାଇଁ ଚଳଚ୍ଚିତ୍ର

ଦେଶର ପ୍ରଥମ ସାଧାରଣ ନିର୍ବାଚନ ପାଇଁ ଭୋଟଦାନ ନିମନ୍ତେ ଭୋଟରଙ୍କୁ ସଚେତନ କରାଇବା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଜନତା କିଭଳି ମତଦାନ କରିବେ, କେଉଁଠି ଭୋଟ୍ ଦେବେ ଏଭଳି ପ୍ରଶ୍ନର ଉତ୍ତର ଦେବା ପାଇଁ ନିର୍ବାଚନ କମିଶନର ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ଏହି ଫିଲ୍ମ ସିନେମା ହଲରେ ମାଗଣାରେ ପ୍ରଦର୍ଶନ କରାଗଲା । ଏହି ଫିଲ୍ମ ଦେଖିବାକୁ ଲୋକଙ୍କୁ ଅନୁରୋଧ କରାଗଲା । ଏହାବ୍ୟତୀତ ଆକାଶବାଣୀରେ ମଧ୍ୟ ଭୋଟରଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚାର କରାଗଲା । ମତଦାନ କରିବା ପାଇଁ ନିର୍ବାଚନ କମିଶନର ନିଜେ ପ୍ରଚାର କରୁଥିଲେ ।



ଗାଁ ଗାଁରେ ନାଟକ, ସିନେମା ମାଧ୍ୟମରେ ଭୋଟଦାନ କରିବାକୁ ଲୋକଙ୍କୁ ସଚେତନ କରାଯାଉଥିଲା । ସେତେବେଳେ ଭୋଟଦାନ ପାଇଁ ବୟସ ସୀମା ୨୧ ବର୍ଷ ନିର୍ଦ୍ଧାରିତ କରାଯାଇଥିଲା ।



## ବାଲାଟ୍ ବକ୍ସ ପାଇଁ ୮ ହଜାର ଟନ୍‌ରୁ ଅଧିକ ଷ୍ଟିଲ୍ ବ୍ୟବହାର

ଭାରତ ପ୍ରଥମ ସାଧାରଣ ନିର୍ବାଚନ ସମୟରେ ଭୋଟଦାନ ପାଇଁ ରଙ୍ଗିନ ବାଲାଟ୍ ବକ୍ସ ବ୍ୟବହାର କରାଯାଇଥିଲା । ବାଲାଟ୍ ବକ୍ସ ତିଆରି ପାଇଁ ବହୁ ପରିମାଣରେ ଷ୍ଟିଲ୍‌ର ଆବଶ୍ୟକତା ଥିଲା । ତେଣୁ ଶିଳ୍ପ ଓ ଯୋଗାଣ ମନ୍ତ୍ରାଳୟକୁ ନିର୍ବାଚନ କମିଶନର ଆବଶ୍ୟକତା ଅନୁଯାୟୀ ଷ୍ଟିଲ୍ ଯୋଗାଣ ପାଇଁ ଅନୁରୋଧ କରିଥିଲେ । ବାଲାଟ୍ ବକ୍ସ ତିଆରି ପାଇଁ ୮ ହଜାର ୧୬୫ ଟନ୍ ଷ୍ଟିଲ୍ ଲାଗିଥିଲା । ବିଧାନସଭା ଓ ଲୋକସଭା ନିର୍ବାଚନ ଏକା ସମୟରେ ହୋଇଥିଲା । ତେଣୁ ଉଭୟ ନିର୍ବାଚନ ପାଇଁ ଅଲଗା ଅଲଗା ରଙ୍ଗର ବକ୍ସ ତିଆରି କରାଯାଇଥିଲା । କାରଣ ଏହି ସମୟରେ ଦେଶର ସାକ୍ଷରତା ହାର ବହୁତ କମ୍ ଥିଲା । ଭୋଟରମାନଙ୍କୁ ଯେଭଳି ରଙ୍ଗ ଚିହ୍ନିବାରେ ଅସୁବିଧା ସୃଷ୍ଟି ନହେବ, ସେଥିପାଇଁ ବାଲାଟ୍ ବକ୍ସ ଉପରେ ସଂପୃକ୍ତ ରଙ୍ଗର ଧଳା ବ୍ୟାକ୍‌ଗ୍ରାଉଣ୍ଡ ରଖାଯାଇଥିଲା ।


## କଂଗ୍ରେସକୁ 'ଯୋଡ଼ି ବଳଦ' ଓ ଜନସଂଘକୁ 'ଦୀପ' ଚିହ୍ନ

ନିର୍ବାଚନରେ ରାଜନୈତିକ ଦଳର ପ୍ରଚାର ଓ ଭୋଟଦାନ ପାଇଁ ନିର୍ବାଚନ ଚିହ୍ନ ଆବଶ୍ୟକ । ତେଣୁ ଲୋକସଭା ହେଉ କି ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ନିର୍ବାଚନ ଚିହ୍ନ ପ୍ରଦାନ କରାଯାଇଥାଏ । ଭୋଟରଙ୍କ ସୁବିଧା ପାଇଁ ନିର୍ବାଚନ ଚିହ୍ନର ଆବଶ୍ୟକତା ରହିଛି । ୧୯୫୧-୫୨ ପ୍ରଥମ ସାଧାରଣ ନିର୍ବାଚନରେ ୧୪ଟି ଜାତୀୟ ଦଳକୁ ନିର୍ବାଚନ ଚିହ୍ନ ପ୍ରଦାନ କରାଯାଇଥିଲା । ଜାତୀୟ କଂଗ୍ରେସକୁ 'ଯୋଡ଼ି ବଦଳ' ଓ ଅଲ୍ ଇଣ୍ଡିଆ ଭାରତୀୟ ଜନସଂଘକୁ 'ଦୀପ' ଚିହ୍ନ ମିଳିଥିଲା । ବର୍ତ୍ତମାନ ଅନେକ ଦଳର ଚିହ୍ନ ପରିବର୍ତ୍ତନ ହୋଇଯାଇଛି ।

## ରଙ୍ଗିନ ବାଲାଟ୍ ବକ୍ସ

ପ୍ରଥମ ଲୋକସଭା ନିର୍ବାଚନ ପାଇଁ ବାଲାଟ୍ ବକ୍ସ ଧୂସର ସବୁଜ, ଘାସ ସବୁଜ, ଈଷତ୍ ସବୁଜ ରଙ୍ଗ କରିବା ପାଇଁ ନିର୍ବାଚନ କମିଶନର ସ୍ଥିର କରିଥିଲେ । ସେହିପରି ବିଧାନସଭା ନିର୍ବାଚନ ନିମନ୍ତେ ଚକୋଲେଟ୍, ଧୂସର, ଶାଗୁଆନ କାଠର ରଙ୍ଗ, ଗାଢ଼ ତାମ୍ରବର୍ଣ୍ଣ, ବ୍ରୋଞ୍ଜ ରଙ୍ଗ କରିବା ପାଇଁ ମନୋନୀତ କରାଯାଇଥିଲା । ତେବେ ସେମାନେ କେଉଁ ରଙ୍ଗର ବାଲାଟ୍ ବକ୍ସ ବ୍ୟବହାର କରିବେ, ଏହାର ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ି ଦିଆଯାଇଥିଲା । ନିଜ ଆବଶ୍ୟକ ଅନୁଯାୟୀ ସବୁ ବାଲାଟ୍ ବକ୍ସର ଡିଜାଇନ୍ ଏକ ପ୍ରକାର ତିଆରି କରିବାକୁ ରାଜ୍ୟଗୁଡ଼ିକକୁ ପରାମର୍ଶ ଦିଆଯାଇଥିଲା । କାରଣ ଏହି ବାଲାଟ୍ ବକ୍ସ ମାଧ୍ୟମରେ ସବୁ ପୋଲିଂ କର୍ମଚାରୀଙ୍କୁ ତାଲିମ ଦେବାକୁ ସୁବିଧା ହେବ । ପ୍ରଥମ ନିର୍ବାଚନରେ ଦେଢ଼ ଲକ୍ଷ ମତଦାନ କେନ୍ଦ୍ର ହୋଇଥିଲା । ଏଥିପାଇଁ ସାଢ଼େ ସାତ ଲକ୍ଷ ବାଲାଟ୍ ବକ୍ସ ତିଆରି କରାଯାଇଥିଲା । ତିନି ଲକ୍ଷରୁ ଅଧିକ ସାହି ପ୍ୟାକେଟ୍ ବ୍ୟବହାର କରାଯାଇଥିଲା । ନିର୍ବାଚନ କମିଶନ ପ୍ରାୟ ୧୬ ହଜାର ଲୋକଙ୍କୁ ଚୁକ୍ତି ଭିତ୍ତିରେ ୬ ମାସ ପର୍ଯ୍ୟନ୍ତ ନିର୍ବାଚନ କାମ କରାଇଥିଲେ ।





## ବାଲାଟ୍ ବକ୍ସରେ ନଥିଲା ତାଲା

ନିର୍ବାଚନ କମିଶନର ଏଭଳି ବାଲାଟ୍ ବକ୍ସ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ତାଲା ପକାଇବାର ଆବଶ୍ୟକତା ନଥିଲା । ପ୍ରତ୍ୟେକ ବକ୍ସ ୮ ଇଞ୍ଚ ଉଚ୍ଚ, ୯ ଇଞ୍ଚ ଲମ୍ବା ଓ ୭ ଇଞ୍ଚ ଚଉଡ଼ା ଥିଲା । ଏହାର ଡିଜାଇନ୍ ଏଭଳି କରାଯାଇଥିଲା, ଯେପରି କୌଣସି ଅଂଶ ବାହାରକୁ ନବାହାରିବ । ଫଳରେ ଗୋଟିଏ ବକ୍ସକୁ ଆଉ ଗୋଟିଏ ବକ୍ସ ସହିତ ପ୍ୟାକ୍ କରିବା ପାଇଁ ସୁବିଧା ହେଉଥିଲା । ବକ୍ସ ତିଆରି କରିବା ପାଇଁ କମ୍ପାନିଗୁଡ଼ିକୁ ଡିଜାଇନ୍ ଓ ନିର୍ଦ୍ଧାରିତ ଦର ଦେବା ପାଇଁ ଆହ୍ୱାନ ଯାଇଥିଲା । ଅନେକ କମ୍ପାନି ଏଥିପାଇଁ ଆବେଦନ କରିଥିଲେ । ଶେଷରେ ମୁମ୍ବାଇର ମେମର୍ସ ଗୋଦରେଜ୍ ଆଣ୍ଡ ବଏସ୍ କମ୍ପାନିକୁ ବାଲାଟ୍ ବକ୍ସ ତିଆରି ପାଇଁ ଅର୍ଡର ଦିଆଯାଇଥିଲା । ଗୋଟିଏ ବାଲାଟ୍ ବକ୍ସ ତିଆରି ପାଇଁ ୫ ଟଙ୍କା ଖର୍ଚ୍ଚ ହୋଇଥିଲା । ୫୦ଟି ଡିଜାଇନ୍‌କୁ ପରୀକ୍ଷଣ ପରେ ଈଷତ୍ ସବୁଜ ରଙ୍ଗର ବକ୍ସକୁ ଶେଷରେ ମନୋନୀତ କରାଯାଇଥିଲା । ରେଳ ମାଧ୍ୟମରେ ଏହି ସବୁ ବାଲାଟ୍ ବକ୍ସକୁ ୨୨ଟି ରାଜ୍ୟକୁ ପଠାଯାଇଥିଲା । ପ୍ରଥମ ନିର୍ବାଚନରେ ବାଲାଟ୍ ବକ୍ସରେ ପ୍ରାର୍ଥୀଙ୍କ ନିର୍ବାଚନ ଚିହ୍ନ ରହିଥିଲା । ଭୋଟ ଦେବାରେ ଭୋଟର୍‌ଙ୍କୁ ବାଲାଟ୍ ପେପରକୁ ପ୍ରାର୍ଥୀଙ୍କ ଚିହ୍ନ ଥିବା ବକ୍ସ ଭିତରେ ପକାଇବାକୁ ପଡୁଥିଲା । କିନ୍ତୁ ପ୍ରଥମ ଥର ଭୋଟ ହେଉଥିବାରୁ ଅନେକେ ବୁଝି ନପାରି ବକ୍ସ ଉପରେ ବାଲାଟ୍ ପେପରକୁ ରଖି ଦେଉଥିଲେ ।



## ପ୍ରଥମ ନିର୍ବାଚନରେ ଭାରତୀୟ ରାଜନୈତିକ ଦଳର ଚିହ୍ନ

| ଦଳ ନିର୍ବାଚନ | ଚିହ୍ନ |
|---|---|
| ଜାତୀୟ କଂଗ୍ରେସ | ଯୋଡ଼ି ବଳଦ |
| ଅଖିଳ ଭାରତୀୟ ଜନସଂଘ | ଦୀପ |
| ସୋସିଆଲିଷ୍ଟ ପାର୍ଟି | ଗଛ |
| ଫରୱାର୍ଡ ବ୍ଲକ୍ | ହାତ |
| କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ | ଦାଆ ଓ ଶସ୍ୟ କେଣ୍ଡା |
| ରିଭୋଲ୍ୟୁସନାରୀ ସୋସିଆଲିଷ୍ଟ ପାର୍ଟି | କୋଦାଳ ଓ ବେଲ୍‌ଚା |
| କିଶାନ ମଜଦୁର ପ୍ରଜା ପାର୍ଟି | କୁଟୀର |
| ଅଲ୍ ଇଣ୍ଡିଆ ସିଡ୍ୟୁଲ୍ କାଷ୍ଟ ଫେଡେରେସନ୍ | ହାତୀ |
| ଫରୱାର୍ଡ ବ୍ଲକ୍ (ମାର୍କସିଷ୍ଟ ଗ୍ରୁପ୍) | ସିଂହ |
| ଅଖିଳ ଭାରତୀୟ ହିନ୍ଦ ମହାସଭା | ଅଶ୍ୱାରୋହୀ |
| ଅଖିଳ ଭାରତୀୟ ରାମ ରାଜ୍ୟ ପରିଷଦ | ଉଦିତ ସୂର୍ଯ୍ୟ |
| ରିଭୋଲ୍ୟୁସନାରୀ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ | ମଶାଲ |
| ବ୍ଲୋସେଭିକ୍ ପାର୍ଟି ଅଫ୍ ଇଣ୍ଡିଆ | ତାରା |
| କୃଷକ ଲୋକ ପାର୍ଟି | ଶସ୍ୟ ଅମଳ କରୁଥିବା କୃଷକ |

## ନିର୍ବାଚନ ଚିହ୍ନ ପ୍ରଦାନ ପ୍ରକ୍ରିୟା

ରାଷ୍ଟ୍ରୀୟ ଦଳ ହେଉ ବା ଆଞ୍ଚଳିକ ଦଳ ଅବା ନିର୍ଦ୍ଦଳୀୟ ପ୍ରାର୍ଥୀ ସମସ୍ତଙ୍କୁ ନିର୍ବାଚନ ଚିହ୍ନ ଦେବାର ନିୟମ ରହିଛି । ତେବେ ପଞ୍ଜୀକୃତ ଦଳକୁ ପ୍ରଥମରୁ ଚିହ୍ନ ମିଳି ଯାଇଥାଏ । ନିର୍ଦ୍ଦଳୀୟ ପ୍ରାର୍ଥୀ ନାମାଙ୍କନ ଦାଖଲ ପରେ ବା ନିର୍ବାଚନର କିଛି ପୂର୍ବରୁ ନିର୍ବାଚନ ଚିହ୍ନ ପ୍ରଦାନ କରାଯାଇଥାଏ । କିନ୍ତୁ ଏଥିପାଇଁ ଅନେକ ସଂଘର୍ଷ କରିବାକୁ ପଡ଼ିଥାଏ । ଭାରତ ନିର୍ବାଚନ ପାଇଁ ଦଳୀୟ ମାନ୍ୟତା ଓ ନିର୍ବାଚନ ଚିହ୍ନ ଦେବାର ଅଧିକାର ନିର୍ବାଚନ କମିଶନରଙ୍କ ରହିଛି । ସମ୍ବିଧାନର ଧାରା ୩୨୪, ରିପ୍ରେଜେଣ୍ଟେ ସନ୍ ଅଫ୍ ଦ ପିପୁଲ ଆକ୍ଟ ୧୯୫୧ ଏବଂ କଣ୍ଡକ୍ଟ ଅଫ୍ ଇଲେକସନ୍‌ସ ରୁଲସ୍ ୧୯୬୧ ଅନୁସାରେ ନିର୍ବାଚନ କମିଶନରଙ୍କୁ ନିର୍ବାଚନ ଚିହ୍ନ ପ୍ରଦାନର କ୍ଷମତା ମିଳିଛି ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ମୋତେ ଯେତେ ମାଠିବୁ ମାଠ୍

ଖୋର୍ଦ୍ଧା ଜିଲ୍ଲାର ବାହୁବଳି ନେତା ପ୍ରଶାନ୍ତ ଓରଫ ଗଣେଶ ଜଗଦ୍ଦେବଙ୍କୁ ନେଇ ଏବେ ପଦ୍ମ ଦଳ ଅଶାନ୍ତିର ସୁନାମୀ । ତାଙ୍କ ଉତ୍ପାତରେ ଅତିଷ୍ଠ ଦଳୀୟ ନେତା ରାଜ୍ୟ ମୁଖିଆ ମନମୋହନ ଆଉ ସାଂସଦ ଅପରାଜିତାଙ୍କ ଚଉଦ ପୁରୁଷ ଉଖାଳୁଛନ୍ତି । ଏପରିକି ଖୋର୍ଦ୍ଧା, ବେଗୁନିଆରୁ ଚିଲିକା ପର୍ଯ୍ୟନ୍ତ ସବୁଠି ବିରୋଧର ସମ୍ମୁଖୀନ ହୋଇଛନ୍ତି ପ୍ରଶାନ୍ତ । ଯେବେଠାରୁ ସିଏ ପଦ୍ମ ଦଳରେ ଯୋଗ ଦେଲେଣି, ସେବେଠାରୁ ଦଳର କର୍ମୀଙ୍କ ଠାରୁ ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ତ୍ରାହିତ୍ରାହି ଡ଼ାକୁଛନ୍ତି । କଥା କଥାରେ ଅନ୍ୟ ଉପରକୁ ହାତ ଉଠାଇ ଦେଉଥିବା, ମା-ଭଉଣୀଙ୍କ ପ୍ରତି ଅଶ୍ରାବ୍ୟ ଶବ୍ଦ ପ୍ରୟୋଗ କରୁଥିବା ଅବାଞ୍ଛିତ ନେତାଙ୍କୁ କାହିଁକି ଦଳରେ ସାମିଲ କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଯେଉଁ ପ୍ରଶାନ୍ତ ପଦ୍ମ ଦଳର କର୍ମୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ଯୋଜନା କରିଥିଲେ, ଯାହାଙ୍କ ନାଁରେ ପୁଳା ପୁଳା ଅଭିଯୋଗ; କେଉଁ ସ୍ୱାର୍ଥରେ ଏପରି ବଦନାମିଆ ନେତାଙ୍କୁ ଅପରାଜିତା ଆଉ ମନମୋହନ ଦଳରେ ମିଶାଇଲେ ତାକୁ ନେଇ ସବୁଠି ପ୍ରଶ୍ନ ଉଠିଲାଣି । ଖାଲି ପ୍ରଶ୍ନ ନୁହେଁ; ଏପଟେ ନିଜର କଦର୍ଯ୍ୟ ଆଚରଣ, ଜନ ବିରୋଧୀ କାର୍ଯ୍ୟ, ଗୁଣ୍ଡାଗିରି ପାଇଁ ଶଙ୍ଖ ଦଳରୁ ବହିଷ୍କାର ସତ୍ତ୍ୱେ ପ୍ରଶାନ୍ତଙ୍କର ମଧ୍ୟ ଚୈତନ୍ୟୋଦୟ ହୋଇନାହିଁ । କେଇଦିନ ତଳେ ଖୋର୍ଦ୍ଧାର ଛଣଗିରିରେ ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ ବିରୋଧ ସଂକ୍ରାନ୍ତ ଖବର ସଂଗ୍ରହ କରୁଥିବା ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ, ତାଙ୍କ ମୋବାଇଲ ଭିଡ଼ି ନେଇ ଫିଙ୍ଗି ପୁଣିଥରେ ଗୁଣ୍ଡାଗିରି ଦେଖାଇଛନ୍ତି ପ୍ରଶାନ୍ତ । ସେଇଥିପାଇଁ କଥାରେ ଅଛି ପରା- ମୋତେ ଯେତେ ମାଠିବୁ ମାଠ୍, ମୁଁ ସେଇ ଦରପୋଡ଼ା କାଠ । ■



## ନେତାଙ୍କ ବଦାନ୍ୟତା

କେନ୍ଦ୍ରାପଡ଼ାରେ ପଦ୍ମ ସାଂସଦ ପ୍ରାର୍ଥୀ ହୋଇଛନ୍ତି ଦଳର ଜାତୀୟ ଉପସଭାପତି ବାବୁ ବୈଜୟନ୍ତ । ପୂର୍ବରୁ ଟ୍ୱିଟରରେ ନୀଳ ଚଢ଼େଇ ଲୋଗୋ ଥିବାବେଳେ ବୈଜୟନ୍ତ ଭାରି ସକ୍ରିୟ ଥିଲେ । ବିଭିନ୍ନ ପ୍ରସଙ୍ଗରେ ଘନଘନ ଟ୍ୱିଟ୍ କରି ଟ୍ୱିଟର ନେତାର ପରିଚୟ ଅର୍ଜିଥିଲେ । ନିଜ ନିର୍ବାଚନମଣ୍ଡଳୀକୁ ହେଲିକପ୍ଟରରେ ଗସ୍ତ କରୁଥିବାରୁ କେହିକେହି ତାଙ୍କୁ ହେଲିକପ୍ଟର ନେତା ବୋଲି ବି କହୁଥିଲେ । ଗତ ନିର୍ବାଚନରେ ପରାଜୟ ପରେ ଏକ ପ୍ରକାର ସ୍ୱେଚ୍ଛା ନିର୍ବାସନରେ ଥିବା ବୈଜୟନ୍ତଙ୍କ ହେଲିକପ୍ଟର ଏବେ ପୁଣି କେନ୍ଦ୍ରାପଡ଼ା ଆକାଶରେ ଚକ୍କର ମାରିବା ଆରମ୍ଭ କରିଛି । ତାଙ୍କ ଆକସ୍ମିକ ଆବିର୍ଭବ ପରେ ରାଜନଗର ଡ଼ାଙ୍ଗମାଳରେ ଏକ ସମାବେଶରେ ହେଲିକପ୍ଟର ନେତାଙ୍କ ବଦାନ୍ୟତାର ପୁରୁଣା କାହାଣୀ ବର୍ଣ୍ଣନା କରିଛନ୍ତି ଶଙ୍ଖ ନେତା ଅଂଶୁମାନ । ସେ ବର୍ଣ୍ଣନା କରିଥିବା ଘଟଣାଟି ସେହି ସମୟର, ଯେଉଁ ସମୟରେ ପଣ୍ଡାବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନର ସାଂସଦ ଥିଲେ । ଥରେ କେନ୍ଦ୍ରାପଡ଼ାର ଏକ ଗାଁରେ ଜଣେ ଲୋକଙ୍କ ଘର ନିଆଁରେ ପୋଡ଼ି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା । ସେହି ଅଞ୍ଚଳର କିଛି ଲୋକ ଏ ସମ୍ପର୍କରେ ତତ୍କାଳୀନ ସାଂସଦ ପଣ୍ଡାବାବୁଙ୍କୁ ଜଣାଇ ଅଗ୍ନି ବିପନ୍ନ ପରିବାରକୁ କିଛି ସହାୟତା ପଠାଇବାକୁ ଅନୁରୋଧ କଲେ । ଘଟଣାର ଚାରି ଦିନ ପରେ ପଣ୍ଡାବାବୁ ହେଲିକପ୍ଟରରେ ଅଞ୍ଚଳକୁ ଆସିବା ଅବସରରେ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଲେ । ଆଉ ଖାମ୍‌ଟିଏ ଦେଇ ଫେରିଗଲେ । କୃତ୍ୟକୃତ୍ୟ ପୀଡ଼ିତ ପରିବାର ବହୁ ଆଶା ନେଇ ଖାମ୍ ଖୋଲିବା ବେଳକୁ ବାହାରିଲା ଶହେ ଟଙ୍କିଆ ପାଞ୍ଚଖଣ୍ଡ ନୋଟ୍ । ହେଲିକପ୍ଟରରେ ଲକ୍ଷେ ଟଙ୍କା ତେଲ ପୋଡ଼ି ଆସିଥିବା ନେତାଙ୍କ ପାଁଶ ଟଙ୍କା ସହାୟତା ବଦାନ୍ୟତା କି ଉପହାସ ସେ କଥା ପୀଡ଼ିତ ପରିବାର କୁଆଡ଼େ ସେଦିନ ବୁଝି ପାରି ନ ଥିଲେ । ■



## କଟକ ରାଜନୀତିର ଯୁବରାଜ

ଶଙ୍ଖ ଚିହ୍ନରେ ଲଢ଼ି ୨୬ ବର୍ଷରେ ଛଅଛଅ ଥର ସାଂସଦ ହୋଇଥିବା ବିହାରୀବାଗ ନେତା କଟକ ରାଜନୀତିରେ ପୁରୁଖା ଖେଳାଳି । ଫର୍ମ ଆଉ ପରଫରମାନ୍ସ ଖରାପ ଯୋଗୁଁ ଶଙ୍ଖ ଦଳରୁ ବାଦ ପଡ଼ିବା ଭୟରେ ପଦ୍ମ ମାଳ ପିନ୍ଧି ଏବେ ବିହାରୀବାଗ ନେତା ଉଲୁକୁମାତ ହେଉଛନ୍ତି । ଦୀର୍ଘ ରାଜନୈତିକ ଅଭିଜ୍ଞତା ଆଧାରରେ ସେ ଶଙ୍ଖ ଖେଳାଳିଙ୍କୁ ସହଜରେ ବୋଲ୍ଡ କରିଦେବେ ବୋଲି ଦିଲ୍ଲୀରେ ବାହାସ୍ଫୋଟ ମାରି ଫେରିଛନ୍ତି । ତାଙ୍କ ବାହାସ୍ଫୋଟରେ କୁତୁକୁତୁ ହୋଇ ପଦ୍ମ ଦଳିଆ ନେତା ବି ତାଙ୍କୁ କଟକରୁ ଲୋକସଭା ଆସନ ଟିକଟ ଦେଇ କ୍ୟାପ୍‌ଟେନ୍ କରି ଦେଇଛନ୍ତି । ଉତ୍ସାହିତ ବିହାରୀବାଗ ନେତା କଟକ ରାଜନୀତିର ଘାସହୀନ ଟାଣ ପିଚ୍‌ରେ ନବାଗତ ସନ୍ତୃପ୍ତଙ୍କୁ ବାଉନ୍ସର ଫିଙ୍ଗି ଆଉଟ କରିବାକୁ ପ୍ରଚେଷ୍ଟା ବି କରିଛନ୍ତି । ମାତ୍ର ବିହାରୀବାଗ ପୁରୁଖା ନେତାଙ୍କ ବାଉନ୍‌ସରକୁ ହୁକ୍ ମାରି ଯେପରି ଶଙ୍ଖ ଦଳର ନବାଗତ ସନ୍ତୃପ୍ତ ଶୂନ୍ୟେଶୂନ୍ୟେ ପଡ଼ିଆ ବାହାରକୁ ପଠାଇ ଦେଇଛନ୍ତି ତାହା ଦେଖି ବିହାରୀବାଗ ଶିବିର ପୁରା ସ୍ତବ୍ଧ । କଟକ ପିଚ୍ ଆଉ ପାଣିପାଗ ଉପରେ ଅଗାଧ ଜ୍ଞାନ ଅର୍ଜନ କରିଥିବା ନେଇ ଦାବି କରୁଥିବା ବିହାରୀବାଗ ନେତା ବି ସ୍ତମ୍ଭୀଭୂତ । ୨୦୦୭ ଟି-୨୦ ବିଶ୍ୱ କପ୍‌ରେ ଅହଂକାରୀ ଗୋରା ଖେଳାଳି ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ଛକ୍କା ପରେ ଛକ୍କା ମାରିଥିବା ଯୁବରାଜଙ୍କ ଛଅ ଛକ୍କାର ଇନିଂସକୁ କଟକ ରାଜନୀତିରେ ଦୋହରାଇ ସନ୍ତୃପ୍ତ ନିଜ ବ୍ୟାଟିଂର ଝଲକ ଦେଖାଇଛନ୍ତି । ରାଜନୀତିରେ ସିନା ସିଏ ନୂଆ, ମାତ୍ର ଢ଼େରଢ଼େର ରାଜନୀତିଆଙ୍କ ସହ ନିଘନ ସମ୍ପର୍କ ତାଙ୍କୁ ଯେ ରାଜନୀତି ପଡ଼ିଆର ଧୂରନ୍ଧର ଖେଳାଳିରେ ପରିଣତ କରିଛି, ସମ୍ଭବତଃ ବିହାରୀବାଗ ନେତା ତାହା ଆକଳନ କରିପାରି ନାହାନ୍ତି । ■



## ବୁଡ଼ିବ କି ଗୁଣ୍ଡାଙ୍କ ଭେଳା ?

ସାରା ରାଜ୍ୟରେ ପଦ୍ମ ଦଳରେ ଏବେ ବିଦ୍ରୋହର ସୁନାମୀ । ନୂଆପଡ଼ାରୁ ନୀଳଗିରି, ବିଜେପୁରରୁ ବ୍ରହ୍ମଗିରି ପର୍ଯ୍ୟନ୍ତ ସବୁଠି ଜଳୁଛି ଅସନ୍ତୋଷର ନିଆଁ । ଏବେ ଏହି ନିଆଁର ଧାସ ଜଗତସିଂହପୁରରେ ପଦ୍ମ ପାଖୁଡ଼ାକୁ ମଉଳାଇ ଦେଇଥିବା କେହିକେହି କହିଲେଣି । ଯେତେବେଳେ ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ ପଦ୍ମ ଦଳର ଚିହ୍ନବର୍ଣ୍ଣ ନ ଥିଲା, ସେତେବେଳେ କଂଗ୍ରେସ ଛାଡ଼ି ପଦ୍ମ ଦଳର ମଙ୍ଗ ଧରିଥିଲେ ସତ୍ୟବ୍ରତ ଓରଫ ଗୁଣ୍ଡା ମହାପାତ୍ର । ଗୁଣ୍ଡାଙ୍କ କଂଗ୍ରେସ ଟୁଙ୍ଗି ପଦ୍ମ ଦଳର ଆଖଡ଼ାରେ ପରିଣତ ହୋଇ ଯାଇଥିଲା । ଗଲା ନିର୍ବାଚନରେ ବି ଗୁଣ୍ଡାବାବୁ ପଦ୍ମ ପାଖୁଡ଼ା ଧରି ମଇଦାନକୁ ଓହ୍ଲାଇଥିଲେ । ଏଥର ବି ତାଙ୍କର ପ୍ରାର୍ଥୀ ହେବା ନିଶ୍ଚିତ ଥିଲା, ମାତ୍ର ଯେବେଠାରୁ ଶଙ୍ଖ ଦଳ ଛାଡ଼ି ଅମରେନ୍ଦ୍ର ଏଣ୍ଡ କୋ. ପଦ୍ମ ଆଖଡ଼ାରେ ଗେରୁଆ ଟୋପି ପିନ୍ଧିଲେଣି; ସେବେଠାରୁ ଗୁଣ୍ଡାଙ୍କୁ କୁଆଡ଼େ ରାତିରେ ନିଦ ହେଉ ନାହିଁ । ଅମରେନ୍ଦ୍ରଙ୍କୁ ଯଦି ଦଳ ଟିକଟ ଦେବ, ତେବେ ଜିଲ୍ଲାର ସବୁ କର୍ମକର୍ତ୍ତା ସମୂହ ଇସ୍ତଫା ଦେଇ ଶଙ୍ଖ ଦଳରେ ସାମିଲ ହୋଇଯିବେ ବୋଲି ଗୁଣ୍ଡାଙ୍କୁ ଚେତାବନୀ ଦେଇଛନ୍ତି । ଏହାପରେ ସଦଳବଳେ ସତ୍ୟବ୍ରତ ରାମମନ୍ଦିର ଆଖଡ଼ା ସମ୍ମୁଖରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ତାଙ୍କୁ ଟିକଟ ଦିଆଯାଉ ବୋଲି ଦାବି କରିଛନ୍ତି । ଆଖଡ଼ା ମୁଖିଆ ମନମୋହନ ବି ମଧ୍ୟ ଗୁଣ୍ଡାଙ୍କୁ ଟିକଟ ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି । ତଥାପି ତାଙ୍କ ମନ ମାନୁନାହିଁ ; ଦଳରେ ଢ଼େର ଦିନ ହେଲା ପଡ଼ିଥିବା ନେତାଙ୍କୁ ଉପେକ୍ଷା କରି ଅନ୍ୟ ଦଳର ତଡ଼ାଖିଆ ଆଉ ବିତାଡ଼ିତ ଜନବିରୋଧୀ ନେତାଙ୍କୁ ରାଜ୍ୟ ନେତୃତ୍ୱ କୋଳେଇ ନେଇ ଟିକଟ ଲଡ୍ଡୁ ଖୁଆଇବା ପରି ଘଟଣା ଜଗତସିଂହପୁରରେ ଘଟେ ତେବେ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।